

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 JANUARY 2025
Vol.No. 36 ■ No.19 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକାରେ ଆଜିଠୁ ଟ୍ରମ୍ପ ଶାସନ

ନୂଆଦିଲ୍ଲୀ, ୧୯/୧ : ଆସନ୍ତାକାଲି ଶପଥ ନେବେ ଡୋନାଲ୍ଡ ଟ୍ରମ୍ପ। ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଆରମ୍ଭ ହେବ ୭୮ ବର୍ଷୀୟ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି। ପ୍ରବଳ ଥଣ୍ଡା ପାଇଁ ୪୦ ବର୍ଷ ପରେ ଶପଥ ଉତ୍ସବ ଖୋଲା ସ୍ଥାନ ବଦଳରେ ଇଣ୍ଡୋର ହଲରେ ହେବ। ଭାରତ ତରଫରୁ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଉପସ୍ଥିତ ରହିବେ। ତେବେ ଆମେରିକାରେ ଟ୍ରମ୍ପ ରାଜ୍ ର ଭାରତକୁ କେତେ ଫାଇଦା ମିଳିବ ତାଉପରେ ରହିଛି ନଜର। ୨୦ ଜାନୁଆରୀ, ସୋମବାର। ଆମେରିକା ସମୟ ମଧ୍ୟାହ୍ନ ୧୨ଟା । ଭାରତୀୟ ସମୟ ରାତି ୧୦ଟା ୩୦ । ଆମେରିକାରେ ପୁଣି ଚାଲିବ ଟ୍ରମ୍ପ ଶାସନ। ମିଷ୍ଟର ପ୍ରେସିଡେଣ୍ଟ ବନିବେ ଡୋନାଲ୍ଡ ଟ୍ରମ୍ପ। ହ୍ୱାଇଟ୍ ହାଉସରେ ଆରମ୍ଭ ହେବ ଦ୍ୱିତୀୟ ଇନିଂସ। ଏଥିପାଇଁ ଫ୍ଲୋରିଡାରୁ



ୱାସିଂଟନ୍ ଅଭିମୁଖେ ପରିବାର ସହ ଉଡାଣ ଭରିଛନ୍ତି ଟ୍ରମ୍ପ। ଭବ୍ୟ ଶପଥ ସମାରୋହ ପାଇଁ ପ୍ରସ୍ତୁତ କ୍ୟାପିଟଲ୍ ହିଲ୍ ରୋତୁଣ୍ଡା। ମଂଚ ପ୍ରସ୍ତୁତ, ଅତିଥି ବି ଆସିସାରିଲେଣି। ମାଇନସ୍ ୭ ଡିଗ୍ରୀ ଯାଏଁ ଥଣ୍ଡା ଆକଳନ ପରେ ବଦଳିଛି ରାଷ୍ଟ୍ରପତିଙ୍କ ଶପଥ ସମାରୋହ ସ୍ଥଳ। ୨ ଲକ୍ଷ ୨୦ ହଜାର ଟିକେଟ୍ ବିକ୍ରି ହୋଇସାରିଛି। ଟିକେଟ୍ ନଥିବା ଦର୍ଶକ ନ୍ୟାସନାଲ ମଲରୁ ଶପଥ ଉତ୍ସବ ଦେଖିପାରିବେ। ମୁଖ୍ୟ ବିଚାରପତି ଜନ୍ ରୋବର୍ଟସ ଟ୍ରମ୍ପଙ୍କୁ ଶପଥପାଠ କରାଇବେ। ଦୁଇ ହାତରେ ଦୁଇଟି ବାଇବଲ ଧରି ଆମେରିକୀୟ ସମ୍ବିଧାନର ୩୫ଟି ମହତ୍ତ୍ୱପୂର୍ଣ୍ଣ ଶବ୍ଦର ଶପଥ ନେବେ ଟ୍ରମ୍ପ। ଭାରତ ପକ୍ଷରୁ ଉପସ୍ଥିତ ରହିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର। ପତ୍ନୀଙ୍କ ସହ ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବି ସାମିଲ ହେବେ ଟ୍ରମ୍ପଙ୍କ ଶପଥ ସମାରୋହରେ। ୪ ବର୍ଷ ପରେ ପୁଣି ରାଷ୍ଟ୍ରପତି ବନିବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଦିନରେ ହିଁ ନେଇପାରନ୍ତି ଅନେକ ବଡ ନିଷ୍ପତ୍ତି। ସୂଚନା ଅନୁସାରେ ଶହେରୁ ଅଧିକ ଫାଇଲରେ ସାଇନ୍ କରିପାରନ୍ତି ନୂଆ ରାଷ୍ଟ୍ରପତି। ଟ୍ରମ୍ପଙ୍କ ଶପଥ ଗ୍ରହଣ ଉପରେ ରହିଛି ସାରା ବିଶ୍ୱର ନଜର। ବିଶେଷ କରି ଫୋକସରେ ରହିଛି ଟ୍ରମ୍ପଙ୍କ ବ୍ୟବସାୟିକ ଟାରିଫ ଘୋଷଣା। ତେବେ ପ୍ରଶ୍ନ ଉଠୁଛି, ଭାରତ ପାଇଁ କେତେ ଲାଭଦାୟୀ ହେବ ଟ୍ରମ୍ପ ୨.୦। ଟ୍ରମ୍ପଙ୍କ ନିର୍ବାଚନ ବିଜୟ ବେଳେ ଉଚ୍ଛୁଳି ଉଠିଥିବା ଭାରତୀୟ ସେୟାର ବଜାରରେ ପୁଣି ଦେଖିବାକୁ ମିଳିବ ତ ଉତ୍ସାହ ? ଟ୍ରମ୍ପଙ୍କ ଭିସା ପଲିସି, ଭାରତ-ପାକିସ୍ତାନ ସଂପର୍କ, ଚୀନ୍ ଉପରେ ନିଷ୍ପତ୍ତି, ପ୍ରବାସୀ ଭାରତୀୟ ଏବଂ ଇମିଗ୍ରେସନ ପଲିସି ଉପରେ ରହିଛି ନୂଆଦିଲ୍ଲୀର ନଜର।

▶▶ପୃଷ୍ଠା ୭

## ଅଷ୍ଟ୍ରେଲିଆରେ ଆୟୋଜିତ ହେବ ରଥଯାତ୍ରା

ଭୁବନେଶ୍ୱର, ୧୯/୧ (ନି.ପ୍ର): ବିଶ୍ୱ ଦେଖିବ ଜଗନ୍ନାଥ ସଂସ୍କୃତି । ବିଶ୍ୱ ଦେଖିବ ଅଷ୍ଟ୍ରେଲିଆରେ ଜଗନ୍ନାଥ ରଥଯାତ୍ରା । ଓଡ଼ିଆ କମ୍ୟୁନିଟି ପକ୍ଷରୁ ଚଳିତ ବର୍ଷ ଆୟୋଜିତ କରାଯିବ ରଥଯାତ୍ରା । ଅଷ୍ଟ୍ରେଲିଆ ଓଡ଼ିଆ କମ୍ୟୁନିଟି ସଦସ୍ୟ ମାନେ ଆଜି ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ସିଡନିରେ ରଥଯାତ୍ରା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହା ସହ ରଥଯାତ୍ରାରେ ରଥରେ ଲାଗିବ ପିପିଲି ଚାନ୍ଦୁଆ। ୨୦ ଫୁଟ ଲମ୍ୱା ରଥରେ ୫୦ ଫୁଟ ଗୋଲେଇର ଚାନ୍ଦୁଆ ଲାଗିବ। ଏଥିପାଇଁ ପିପିଲି ଚାନ୍ଦୁଆ କାରିଗର ମଧ ଭେଟିଥିଲେ ମନ୍ତ୍ରୀଙ୍କୁ । ସିଡିନରେ ରଥଯାତ୍ରା ପାଇଁ ୫୧ହଜାର ଟଙ୍କାର ପ୍ରଥମ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ । ଗୌରବର କଥା, ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର କଥା । ଜଗନ୍ନାଥ ମନ୍ଦିର ନିର୍ମାଣ ଓ ରଥଯାତ୍ରା ପାଇଁ ଓଡିଶା ଓ ଭାରତ ସରକାରଙ୍କ ସହଯୋଗ ଚାହୁଁଛନ୍ତି ୨୦ ଫୁଟ ଉଚ୍ଚତା ରଥ, ୫୦ ଫୁଟ ଗୋଲେଇର ଚାନ୍ଦୁଆ ଲାଗିବ ।

## ଯାତ୍ରାରେ ଅଶ୍ଳୀଳତା ବନ୍ଦ କରିବାକୁ କଠୋର ହେବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୯/୧(ନି.ପ୍ର) : ଆସନ୍ତା ମାସ ପ୍ରଥମ ସପ୍ତାହରେ ହେବ ଖଣ୍ଡଗିରି ଯାତ୍ରା । ସେଥିପାଇଁ ଏବେଠୁ ଅନୁଭବ ହେଲାଣି ମାହୋଲ୍ । କିନ୍ତୁ ଏଥର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ଏଥର ମଞ୍ଚରେ ଚଢ଼ିବେନି ସାହୁ ଭାଉଜ, ନିଶା ମହାରଣା ଓ ରାଣୀ ପ୍ରିୟଦର୍ଶନୀ ଭଳି ବିବାଦୀୟ ଆଇଟମ ଡ୍ୟାନସର । ଯାତ୍ରା ପେଣ୍ଡାଲରେ ଏଥର ହେବନି ଅଙ୍ଗ ପ୍ରଦର୍ଶନ । କେବଳ ଏତିକି ନୁହେଁ ଏହା ସହିତ ବ୍ୟାନ୍ ହେବ ଡାଏଲଗ୍ ଭିତରେ ଦ୍ୱିଅର୍ଥ ବୋଧକ ଶବ୍ଦ ।ରାଜ୍ୟ ସରକାର ଏଥିପାଇଁ ମାର୍ଗଦର୍ଶିକା ଜାରି କରିବେ ବୋଲି କହିଛନ୍ତି ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ସରକାରଙ୍କ ଏହି ପଦକ୍ଷେପକୁ ଯାତ୍ରାପାର୍ଟି ମାଲିକ ଓ ଆୟୋଜକ କମିଟି ସ୍ୱାଗତ କରିଥିବାବେଳେ, ଅଶ୍ଳୀଳତାକୁ ଆଇଟମ୍ ଡ୍ୟାନସ୍ ସହ ନମିଶାଇବା ପାଇଁ କହିଛନ୍ତି କଳାକାର । ଅନ୍ୟପଟେ ମନ୍ତ୍ରୀ କହିଛନ୍ତି ଯାତ୍ରାରେ ଅଶ୍ଳୀଳତା ସମ୍ପୂର୍ଣ୍ଣ ବନ୍ଦ ଲାଗି ଯାତ୍ରା କମିଟି, କଳାକାର ଓ ଯାତ୍ରା ପାର୍ଟି ମାଲିକମାନଙ୍କ ସହ ଆଲୋଚନା ସରିଛି । ଯେହେତୁ ସେମାନେ ହଠାତ୍ କିଛି କଠୋର ଆଇନ ନଆଣିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ । ତେଣୁ ତାକୁ ମଧ ଦୃଷ୍ଟିରେ ରଖାଯାଇଛି । ତେବେ ସଂସ୍କୃତି ମନ୍ତ୍ରୀ କହିଛନ୍ତି ଓଡ଼ିଆ ଭାଷା ଓ ସଂସ୍କୃତିକୁ ଯେପରି କୁଠାରଘାତ ନହୁଏ, ସେଥିପ୍ରତି ସରକାର ଯତ୍ନବାନ ରହିଛନ୍ତି । ଅନ୍ୟପଟେ ଯାତ୍ରାରେ ଅଶ୍ଳୀଳତା ବୃଦ୍ଧି ପଛରେ ସ୍ଥାନୀୟ ଯାତ୍ରା କମିଟିମାନେ ଦାୟୀ ବୋଲି କହିଛନ୍ତି ଯାତ୍ରା ପାର୍ଟି ମାଲିକ । ଆୟ ବୃଦ୍ଧି ଓ ଅଧିକ ଟିକେଟ୍ ବିକ୍ରି ଲକ୍ଷ୍ୟରେ ସେମାନେ ଆଇଟମ୍ ଗାର୍ଲଙ୍କୁ ପେଣ୍ଡାଲକୁ ଉଠାଉଛନ୍ତି ।

▶▶ପୃଷ୍ଠା ୭

## ମହାକୁମ୍ଭରେ ଭୀଷଣ ନିଆଁ: ଜଳିଗଲା ୨୫ଟି ଶିବିର

ପ୍ରୟାଗରାଜ, ୧୯/୧ : ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ଅଞ୍ଚଳରେ ନିଆଁ ଲାଗିଥିବା ଖବର ମିଳିଛି । ଏହି ନିଆଁ ଏତେ ଭୀଷଣ ଥିଲା ଯେ ଦୂରରୁ ନିଆଁ ଦୃଶ୍ୟମାନ ହେଉଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏହି ଅଗ୍ନିକାଣ୍ଡ ଯୋଗୁଁ କୁମ୍ଭ ଆଖପାଖରେ ଥିବା ତମ୍ବୁ ମଧ କ୍ଷତିଗ୍ରସ୍ତ ହେବା ସହ ଟେଣ୍ଟରେ ରଖାଯାଇଥିବା ସିଲିଣ୍ଡର ଗୁଡ଼ିକ କ୍ରମାଗତ ଭାବେ ବିସ୍ଫୋରଣ ହେଉଛି। ସୂଚନା ଅନୁସାରେ ୨୦ରୁ ୨୫ଟି ତମ୍ବୁ ଜଳିଯାଇଛି । ଆଖଡ଼ାଗୁଡ଼ିକର ନିକଟ ରାସ୍ତାରେ ଥିବା ଲୁହା ପୋଲ ତଳେ ଏହି ଅଗ୍ନିକାଣ୍ଡ ଘଟିଛି। ରିଲିଫ ଉଦ୍ଧାର ପାଇଁ ପ୍ରଶାସନ ତରଫରୁ କାମକୁ ତ୍ୱରାନ୍ୱିତ କରାଯିବା ସହ ସେଠାରେ ଯେପରି କେହି ଫସି ନ ରହିବେ ସେଥିପ୍ରତି ମଧ ଧ୍ୟାନ ଦିଆଯାଉଛି । ସର୍ବଶେଷ ସୂଚନା ଅନୁସାରେ ମହାକୁମ୍ଭରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି ।

▶▶ପୃଷ୍ଠା ୭

## ଅନିଲ ହଂସିତାଙ୍କ ନାଁରେ ଯୋଡିହେଲା ଆଉ ଏକ ମାମଲା

ଭୁବନେଶ୍ୱର, ୧୯/୧ (ନି.ପ୍ର): ଅନୀଲ-ହଂସିତାଙ୍କୁ ନେଇ ପୁଣି ବଡ଼ ଖବର। ଅନୀଲ-ହଂସିତାଙ୍କ ନାଁରେ ଆଉ ଏକ ମାମଲା ରୁଜୁ ହୋଇଛି। ଇନ୍‌ଫୋସିଟି ଥାନାରେ ମାମଲା ରୁଜୁ କଲା ପୋଲିସ । ଜବତ ଫୋନ୍ ଯାଞ୍ଚ ପରେ ମିଳିଥିବା ତଥ୍ୟ ଆଧାରରେ ମାମଲା ରୁଜୁ କଲା ପୋଲିସ । ଓଞ୍ଚଇ ଆକ୍ଟ ସହ ୧୨୦ ବି ଓ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଛି। ହଂସିତାଙ୍କ ମୋବାଇଲରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସୂଚନା । ଉଭୟ ବଡ଼ବଡ଼ିଆଙ୍କୁ ଯୁବତୀ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଠକ ଯୋଡ଼ିଙ୍କ କାରନାମାକୁ ନେଇ କ୍ରାଇମ ୟୁନିଟର ଖୋଳତାଡ଼ ଜାରି ରଖିଛି। ଅନ୍ୟପଟେ ଏବେବି ଅସ୍ପଷ୍ଟ କିଏ ହଂସିତାଙ୍କ ସ୍ୱାମୀ ?

▶▶ପୃଷ୍ଠା ୭

## ପୁଣି ଶ୍ରୀମନ୍ଦିରର ଗର୍ଭଗୃହର ଫଟୋ ଭାଇରାଲ

ପୁରୀ, ୧୯/୧ (ନି.ପ୍ର): ପୁଣି ଶ୍ରୀମନ୍ଦିରର ଗର୍ଭଗୃହର ଫଟୋ ଭାଇରାଲ। ଗରୁଡ ସ୍ତମ୍ଭ ପାଖରୁ ଗର୍ଭ ଗୃହର ଫଟୋ ଏବଂ କୀର୍ତ୍ତନ ଚକଡାର ଫଟୋ ଉଠାଯାଇ ଭାଇରାଲ କରାଯାଇଛି। ବାଙ୍କେ ବିହାରୀ ଅନନ୍ତ ନାମକ ଜଣେ ଭକ୍ତ ଉଠାଇଥିବା ଫଟୋକୁ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ମୋବାଇଲ ଭିତରକୁ ନେଇ ନାଟମଣ୍ଡପରେ ଥାଇ ଫଟୋ ଉଠାଇଥିବା ଜଣାପଡିଛି। କୀର୍ତ୍ତନ ଚକଡାର ଫଟୋ ସହ ପତିତପାବନ ନିକଟରେ ଠିଆହୋଇ ଏକ ଫଟୋ



ଚିତ୍ର ଉଠାଇ ତାକୁ ତାକୁ ପୋଷ୍ଟ କରିଛନ୍ତି। ମୋବାଇଲ ଉପରେ କଟକଣା ରହିଥିଲେ ମଧ ବାରାମ୍ବାର ଏହି ଭଳି ଶ୍ରୀମନ୍ଦିରର ଫଟୋ ଭାଇରାଲ ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି କଡ଼ା ▶▶ପୃଷ୍ଠା ୭

## ନବ ଦାସ ହତ୍ୟା ରହସ୍ୟ: ସିବିଆଇ ତଦନ୍ତ ପାଇଁ ଲେଖିକି ଦେବେ ଦୀପାଳି

ଝାରସୁଗୁଡା, ୧୯/୧ (ନି.ପ୍ର): ଏବେବି ରହସ୍ୟ ଘେରରେ ପୂର୍ବତନ ମନ୍ତ୍ରୀ ତଥା ପଶ୍ଚିମ ଓଡ଼ିଶାର ଜଣାଶୁଣା ରାଜନେତା ନବ ଦାସଙ୍କ ହତ୍ୟାକାଣ୍ଡ । ଝାରସୁଗୁଡା କୋର୍ଟରେ ଏହି ମାମଲାର ବିଚାର ଚାଲିଛି । କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିସାରିଛି । ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡର ଏକମାତ୍ର ଅଭିଯୁକ୍ତ ଆସିଷ୍ଟାଣ୍ଟ ପୋଲିସ୍ ସବ୍‌ଇନିସ୍ପେକ୍ଟରର ଗୋପାଳ ଦାସ ଏବେ ଜେଲ୍‌ରେ। ଗୋପାଳ



ଦାସ ନିଜର ସର୍ଭିସ୍ ରିଭଲଭରରୁ ଗୁଳିକରି ନବ ଦାସଙ୍କୁ ହତ୍ୟା କରିଥିବା ଚାର୍ଜସିଟରେ ଦର୍ଶାଯାଇଛି । ଏପରିକି ଗୋପାଳ ଏକମାତ୍ର ଅଭିଯୁକ୍ତ ଓ ପୁରୁଣା ରାଗ ଶୁଝାଇବା ପାଇଁ ଗୋପାଳ ଏହି ହତ୍ୟାକାଣ୍ଡ ଭିଆଇଥିବାର ଚାର୍ଜସିଟରେ ଉଲ୍ଲେଖ କରାଯାଇଛି । ତେବେ ଫରେନସିକ ରିପୋର୍ଟ ଓ କ୍ରାଇମବ୍ରାଞ୍ଚ ରିପୋର୍ଟରେ ତାଳମେଳ ନାହିଁ । ଏହି ଘଟଣାକୁ ନେଇ ବୟାନବାଜି ଚାଲିଥିବା ବେଳେ ବାପାଙ୍କ ହତ୍ୟା ନେଇ ମୁହଁ ଖୋଲିଛନ୍ତି ଝିଅ ଦୀପାଳି ଦାସ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସିବିଆଇ ତଦନ୍ତ ପାଇଁ ଲିଖିତ ଅନୁସାରେ ଦେବୁ। ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ବେଳେ ପରିବାରରେ ଆଲୋଚନା ଚାଲିଥିବା ନେଇ କହିଲେ। ନବ ଦାସ ହତ୍ୟା ପ୍ରସଙ୍ଗରେ ପ୍ରଦୀପ ପୁରୋହିତଙ୍କ ବଡ଼ ବୟାନ । କହିଲେ, ହତ୍ୟା ପଛରେ ଚକ୍ରାନ୍ତକାରୀ ଗୋଷ୍ଠୀର ହାତ ଥିବା ପୂର୍ବରୁ କହିଥିଲି । ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ମୁଖ୍ୟ ଷଡ଼ଯନ୍ତ୍ରକାରୀ ।

▶▶ପୃଷ୍ଠା ୭

## ଗାଜାରେ ଲାଗୁ ହେଲା ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରାମ

ଗାଜା , ୧୯/୧ ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରାମ ଲାଗୁ ହୋଇଛି। ଏହା ଫଳରେ ଗତ ଦେଢ ବର୍ଷ ହେଲା ଏଠାରେ ଚାଲିଥିବା ଧ୍ୱଂସଲୀଳା ଅଟକି ଯାଇଛି । ଶାନ୍ତିଚୁକ୍ତିର ପ୍ରଥମ ପର୍ଯ୍ୟାୟ ସ୍ଥାନୀୟ ସମୟ ପୂର୍ବାହ୍ନ ସାଢେ ୧୧ଟା ସମୟରେ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ସମୁଦାୟ ୪୨ ଦିନର ହେବ। ଇସ୍ରାଏଲର ୯୮ ଜଣ ବନ୍ଧକଙ୍କ ମଧ୍ୟରୁ ୩୩ ଜଣଙ୍କୁ ହମାସ ମୁକ୍ତ କରିବ। ତା ବଦଳରେ ଇସ୍ରାଏଲ ୭୩୭ ଜଣ କଏଦୀଙ୍କୁ ମୁକ୍ତ କରିବ। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଚେତାବନୀ ଦେଇ କହିଥିଲେ ଯେ ଯେପର୍ଯ୍ୟନ୍ତ ହାମାସ ତାଙ୍କ ସରକାରଙ୍କୁ ବନ୍ଧକଙ୍କ ତାଲିକା ନ ଦିଏ ସେ ପର୍ଯ୍ୟନ୍ତ ଗାଜାରେ ଅସ୍ତ୍ରବିରତି ଆରମ୍ଭ ହେବ ନାହିଁ ଯାହା କି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇବ। ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ହାମାସ୍ କହିଛି ଏବଂ ବୈଷୟିକ ଏବଂ ଆଞ୍ଚଳିକ କାରଣରୁ ବିଳମ୍ବ ହୋଇଛି ବୋଲି କହିଛି।

▶▶ପୃଷ୍ଠା ୭

## ଦିଲ୍ଲୀ ନିର୍ବାଚନ: ଏବେ ସୁଦ୍ଧା ମଇଦାନରେ ୧୦୪୦ ପ୍ରାର୍ଥୀ

ନୂଆଦିଲ୍ଲୀ, ୧୯/୧ : ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ଏବେ ରାଜନୀତି ସରଗରମ ରହିଛି । ବିଶେଷ କରି ଆମ ଆଦମୀ ପାର୍ଟି ବା ଆପ, ବିଜେପି ଓ କଂଗ୍ରେସ ମଧ୍ୟରେ ତୀବ୍ର ଟକ୍କର ହେବାକୁ ଯାଉଛି । ଆଉ ଏହାରି ଭିତରେ ବିଭିନ୍ନ ଦଳର ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ମଧ ଜାରି ରହିଛି । ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ସମସ୍ତ ଦଳ ଜୋରସୋରରେ ପ୍ରୟାସ କରୁଛନ୍ତି । ତେବେ ଫେବୃଆରୀ ୫ରେ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୋଟ ୧,୦୪୦ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ନିର୍ବାଚନ କମିଶନ ୱେବସାଇଟ୍ ଅନୁଯାୟୀ, ନିର୍ବାଚନ ପାଇଁ ୧,୫୨୨ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ସମୟରେ, ୪୭୭ ଜଣଙ୍କ ନାମାଙ୍କନ ପତ୍ର



ନାକଚ କରାଯାଇଥିଲା। ନାମାଙ୍କନ ଦାଖଲର ଶେଷ ତାରିଖ ଜାନୁଆରୀ ୧୭ ଥିଲା, ଯେଉଁ ତାରିଖରେ ସର୍ବାଧିକ ୬୮୦ ଜଣ ନାମାଙ୍କନ ଦାଖଲ କରିଥିଲେ, ଜାନୁଆରୀ ୧୬ ତାରିଖରେ ୫୦୦ ଜଣ ନାମାଙ୍କନ ଦାଖଲ ହୋଇଥିଲେ। ଶନିବାର ନାମାଙ୍କନ ପତ୍ର ଯାଞ୍ଚ ସମାପ୍ତ ହୋଇଥିଲା, ଆଉ ୪୭୭ ଜଣଙ୍କ ନାମାଙ୍କନ ନାକଚ କରାଯାଇଥିଲା । ଯେତେବେଳେ ପ୍ରାର୍ଥୀମାନେ ଜାନୁଆରୀ ୨୦ ପର୍ଯ୍ୟନ୍ତ ସେମାନଙ୍କ ନାମ ପ୍ରତ୍ୟାହାର କରିପାରିବେ। ୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଏଥର ନିର୍ବାଚନ ରୋଚକ ହେବାର ସମ୍ଭାବନା ରହିଛି, ଶାସକ ଆମ ଆଦମୀ ପାର୍ଟି (ଆପ) ତୃତୀୟ ଥର ପାଇଁ କ୍ଷମତାକୁ ଆସିବାକୁ ଚେଷ୍ଟା କରୁଛି। ସେହିପରି, ଭାରତୀୟ ଜନତା ପାର୍ଟି (ବିଜେପି) ଦିଲ୍ଲୀରେ ୨୫ ବର୍ଷରୁ ଅଧିକ ସମୟ କ୍ଷମତା ବାହାରେ ରହିବା ପରେ କ୍ଷମତାକୁ ଫେରିବାକୁ ଚେଷ୍ଟା କରୁଛି। ଭୋଟ ଗଣତି ଫେବୃଆରୀ ୮ ତାରିଖରେ ହେବ।

## ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଯିଏ ଦେଖୁଥିଲେ, ସିଏ ହିଁ ନବ ଦାସ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ: ସାଂସଦ ପ୍ରଦୀପ ପୁରୋହିତ

ଝାରସୁଗୁଡ଼ା, ୧୯/୧ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ପଛର ଖଳନାୟକମାନେ ସାମ୍ନାକୁ ଆସିବା ଦରକାର। ନବୀନଙ୍କ ପରେ ଯିଏ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ହିଁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ, ତାହା ଆଜି ପ୍ରମାଣିତ ହେବାକୁ ଯାଉଛି। ଆଜି ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ବରିଷ୍ଠ ବିଜେପି ନେତା ତଥା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି, ଦୁର୍ଭାଗ୍ୟର ବିଷୟ କ୍ଷମତା ଓ ସଂପତ୍ତି ଲୋଭରେ ସେତେବେଳେ ନବ ଦାସଙ୍କ ପରିବାର ଚୁପ୍ ରହିଲେ। ସେତେବେଳେ ତଦନ୍ତ ଠିକ୍ ବାଟରେ ଯାଉଥିବା କହିଥିଲେ। ଏନେଇ ଅଧିକ ତଦନ୍ତ ହେବାର ଆବଶ୍ୟକତା ରହିଛି । ନବୀନଙ୍କ ପରେ ଯିଏ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ହିଁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ, ତାହା ଆଜି ପ୍ରମାଣିତ ହେବାକୁ ଯାଉଛି। ଆଜି ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି



ବରିଷ୍ଠ ବିଜେପି ନେତା ତଥା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି, ଦୁର୍ଭାଗ୍ୟର ବିଷୟ କ୍ଷମତା ଓ ସଂପତ୍ତି ଲୋଭରେ ସେତେବେଳେ ନବ ଦାସଙ୍କ ପରିବାର ଚୁପ୍ ରହିଲେ। ସେତେବେଳେ ତଦନ୍ତ ଠିକ୍ ବାଟରେ ଯାଉଥିବା କହିଥିଲେ। ଏନେଇ ଅଧିକ ତଦନ୍ତ ହେବାର ଆବଶ୍ୟକତା ରହିଛି। ଏଣେ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିଛନ୍ତି। ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିବା ବେଳେ ଅଭିଯୁକ୍ତ ଗୋପାଳ ଦାସକୁ କେବଳ ଗିରଫ କରି କାମ ସାରିଦେଇଥିଲା। କିନ୍ତୁ ତାଙ୍କ ବାପାଙ୍କୁ ଗୋପାଳ ଜରିଆରେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରି ସପ୍ତାହକ ତଳେ ଦୀପାଳି ଏହି ପ୍ରସଙ୍ଗକୁ ପୁଣିଥରେ ଉଠାଇଥିଲେ। ଏବେ ବିଶାଳ ଦାସଙ୍କ ସିବିଆଇ ତଦନ୍ତ ଦାବି ପ୍ରସଙ୍ଗ ପୁଣି ସାମ୍ନାକୁ ଆସିଛି। ବିଶାଳ କହିଛନ୍ତି, 'ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିବୁ ଆମ ବାପାଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ହେଉ।' ବିଶାଳ 'ସମ୍ବାଦ'କୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି ଯେ ଏହି ଦାବି ତାଙ୍କର ବ୍ୟକ୍ତିଗତ ନୁହେଁ, ପରିବାର ସଦସ୍ୟଙ୍କର। ପରିବାରର ମୁରବି ଚାଲିଯିବା ପରେ ସେହି ଦୁଃଖରୁ ବାହାରିବା ଏତେ ସହଜ ନ ଥିଲା। ତେଣୁ ପରିବାର ସଦସ୍ୟଙ୍କ ସହ ବିସ୍ତୃତ ଆଲୋଚନା କରିବାରେ ସମୟ ଲାଗିଥିଲା। ବିଶାଳଙ୍କ ଏହି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଜେପି ନେତାମାନେ ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର ଦାବି କରିଥିଲେ ମଧ ନବ ଦାସଙ୍କ ପରିବାର କାହିଁକି ଚୁପ୍ ରହିଥିଲେ ? ରାଜନୈତିକ ଚାପରେ ରହି ଏହି ପ୍ରସଙ୍ଗ ଉଠାଉ ନ ଥିଲେ ନା ଆଉ କିଛି କଥା ପାଟି ବନ୍ଦ ପାଇଁ ବାଧ କରିଥିଲା। ସ୍ମରଣଯୋଗ୍ୟ, ୨୦୨୩ ଜାନୁଆରି ୨୯ ତାରିଖରେ ବ୍ରଜରାଜନଗର ଗାନ୍ଧୀଛକ ନିକଟରେ ନବ ଦାସଙ୍କୁ ତତ୍କାଳୀନ ଗାନ୍ଧୀଛକ ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ଗୋପାଳ ଦାସ ଗୁଳି କରିଥିଲେ।

▶▶ପୃଷ୍ଠା ୭

## ଗତ ୧୦ ବର୍ଷରେ ଭାରତରେ ବିଜନେସ କରିବା ହେଲା ମୁସ୍କିଲ : କଂଗ୍ରେସ

ନୂଆଦିଲ୍ଲୀ, ୧୯/୧: କଂଗ୍ରେସ ଅଭିଯୋଗ ଆଣିଛି ଯେ, ଗତ ୧୦ ବର୍ଷରେ ଭାରତରେ ଇଜ ଅଫ ଡୁଇଙ୍ଗ ବିଜନେସ୍ ତଥା ବ୍ୟବସାୟ କରିବାରେ ସହଜକୁ 'ଅନଇଜ ଅଫ ଡୁଇଙ୍ଗ ବିଜନେସ୍' ତଥା ବ୍ୟବସାୟ କରିବାରେ ଅସୁବିଧାରେ ବଦଳାଇ ଦିଆଯାଇଛି । ଏହାର ତିନୋଟି କାରଣ ଦର୍ଶାଇବା ସହିତ କଂଗ୍ରେସ କହିଛି ଯେ, ଆଗାମୀ ବଜେଟ୍ ରେ ରେଡ୍ ରାଜ ଏବଂ 'କର ଆତଙ୍କ' ଶେଷ କରିବାକୁ ଦାବି କରିଛି । ରବିବାର କଂଗ୍ରେସ ମହାସଚିବ (ସଂଚାର) ଜୟରାମ ରମେଶ ଏକ ବକ୍ତବ୍ୟ ଜାରି କରି କହିଛନ୍ତି ଯେ, ସରକାରକୁ ଆଗାମୀ ବଜେଟ୍ ରେ ରେଡ ରାଜ ଏବଂ କର ଆତଙ୍କ ଶେଷ କରିବାକୁ ହେବ । ଉତ୍ପାଦନ କ୍ଷେତ୍ରରେ ଚାକିରୀ ଗୁଡିକର ରକ୍ଷା କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ । ଏବଂ ବେତନ ଏବଂ କ୍ରୟ ଶକ୍ତିକୁ ବଢାଇବାକୁ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ହେବ।

▶▶ପୃଷ୍ଠା ୭

# ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ୨୦୨୫ : ତୃତୀୟ ଦିବସ ଟିଟିଲାଗଡ ଏଫ୍‌ସି ବିଜୟୀ ଓ ସଦାଇପାଲି ଏବଂ ଖପ୍ରାଖୋଲ ମ୍ୟାଚ ଡ୍ର

ବଲାଙ୍ଗିର, ୧୯/୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ବାଳକ ବିଭାଗ ୧୫ ବର୍ଷ ରୁ କମ୍ ଚମ୍ପିୟାନସିପ୍ ୨୦୨୫ ତୃତୀୟ ଦିବସ ର ଖେଳ ଅନୁଷ୍ଠିତ ହୋଇଯାଇଛି । 'ପ୍ରତିଭା ଅନେକ ଲକ୍ଷ୍ୟ ଏକ' ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡିଶା ଫୁଟବଲ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଙ୍କ ଆୟୋଜନ ରେ ଫୁଟବଲ ଚମ୍ପିୟାନ ସିପ୍ ଅନୁଷ୍ଠିତ ହେଉଛି । ଫାଓ ଓଡିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚ ସଦାଇପାଲି ଏଫସି ବନାମ ଖପ୍ରାଖୋଲ ଏଫସି ମଧ୍ୟରେ ୧-୧ ଗୋଲରେ ଖେଳ ଡ୍ର ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଟିଟିଲାଗଡ ଏଫସି ୮-୦ ଗୋଲରେ ଭାଲେର ଏଫସି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ପୂର୍ବତନ ଖେଳାଳି ଅକ୍ଷୟ କୁମାର ବେହେରା, ସୋମନାଥ ମାଝି ଓ ବିରେନ୍ଦ୍ର ସୁନା ଯୋଗ ଦେଇଥିଲେ । କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା,ସଦସ୍ୟ କୈଳାସ ଚନ୍ଦ୍ର କର୍ତ୍ତ, ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ସିଂ ମଂଚାସିନ ଥାଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଖେଳକୁ ରାଜେନ୍ଦ୍ର ଧରୁଆ, ଲବ ସୁନାନି, ଧନେଶ୍ୱର ସେଠ, ଦୋଳଗୋବିନ୍ଦ ମୁଣ୍ଡା, ରାଜେଶ ବାଗ, ରାଜେନ୍ଦ୍ର ସେଠ, ଯଶୋବନ୍ତ ମାଝି, ନରସିଂସ୍ୱାମୀ ନାଇଡୁ, ଜ୍ୟୋତି ମହାନନ୍ଦ ଓ ସଂଜିବ ମହାରଣା ରେଫରି ଭାବେ ଖେଳ ପରିଚାଳନା କରିଥିଲେ । ୧୯ ତାରିଖ ପ୍ରଥମ ମ୍ୟାଚ ସାଉନ୍ତପୁର ଏଫସି ବନାମ ପାଟଣାଗଡ ଏଫସି ଓ ଦ୍ୱିତୀୟ ମ୍ୟାଚ ତୁରେକେଲା ଏଫସି ବନାମ ଜରାସିଂହା ଏଫସି ମଧ୍ୟରେ ଖେଳ ହେବ ବୋଲି ଆୟୋଜନ କମିଟିର ଆବାହକ ତଥା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ ଜଣାଇଛନ୍ତି ।

# ସରକାରୀ ଚାକିରିଆ ନେଉଛନ୍ତି ରାସନ: ଏଚଆରଏମଏସରୁ ମିଳିଲା ତଥ୍ୟ

## ହେବ କି କାର୍ଯ୍ୟାନୁଷ୍ଠାନ ?

ବାଲିଆପାଳ, ୧୯/୧ (ଝାଡ଼େଶ୍ୱର ପ୍ରଧାନ): ଦେଶର ଗରିବ ପରିବାର ଓ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ରାସନ କାର୍ଡଧାରୀଙ୍କୁ ମାସକୁ ପାଞ୍ଚ କେଜି ଚାଉଳ କିମ୍ବା ଗହମ ମିଳିବା ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି । ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ତୃଣମୂଳ ସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ପାଇଁ ପାରିନାହାନ୍ତି । କାରଣ ବହୁ ଶିକ୍ଷକ, ନର୍ସ, ପୋଲିସ, ଜିଏସଟି ଅଧିକାରୀ, ଅଧ୍ୟାପକ,ପିଅନ, ଇଞ୍ଜିନିୟର, ପିଇଓ,ଡାଟା ଏଣ୍ଟ୍ରି ଅପେରେଟର ଭଳି ଅନେକ ବିଭାଗରେ ସରକାରୀ ନିଯୁକ୍ତି ପାଇଥିବା ୧୬୫ ପରିବାର ରାସନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସଚିବଙ୍କ ପତ୍ର ସଂଖ୍ୟା ୧୦୫୪ ରୁ ଜଣାପଡିଛି । ତେବେ ଢୋଲ ଭିତରେ ମୂଷା ଭଳି ଆହୁରି ଅନେକ ଅଯୋଗ୍ୟ ହିତାଧୀକାରୀ ଯେପରିକି ବଡ଼ ବଡ଼ ବ୍ୟବସାୟୀ, ଚାରିଚକିଆ ଯାନ ମାଲିକ, ବଡ଼ ବଡ଼ କୋଠା ମାଲିକ ଓ କରଦାତା ଆଦି କାର୍ଡ ହାତେଇଛନ୍ତି । ଅନ୍ୟ ପଟରେ ଏବେବି ବହୁ ଅସହାୟ, ଭିନ୍ନକ୍ଷମ ଏବଂ ଗରିବ ପରିବାର ଏହି ରାସନ କାର୍ଡ ସୁବିଧାରୁ ବଞ୍ଚିତ ଅଛନ୍ତି । ରାଜ୍ୟ ସରକାର ଏହି ବିଭାଗରେ ଧୀରେ ଧୀରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା କରୁଛନ୍ତି । ଯୋଜନା ରେ ସ୍ୱଚ୍ଛତା ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରିବା ପାଇଁ ସରକାର ଇକେୱାଇସି ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଯାହା ଦ୍ୱାରା ସରକାରୀ ଚାକିରୀ କରିଥିବା, ସରକାରଙ୍କୁ ଆୟ କର ଓ ବୃତ୍ତି କର ଦେଉଥିବା କିମ୍ବା ଚାରିଚକିଆ ଯାନ ଥିବା ବ୍ୟକ୍ତିଙ୍କ ବିଷୟରେ ସୂଚନା ମିଳି ପାରୁଛି । ପ୍ରାଥମିକ ପର୍ଯ୍ୟାୟରେ ବର୍ତ୍ତମାନ ଏଚଆରଏମଏସ ପୋର୍ଟାଲ ରୁ ତଥ୍ୟ ସଂଗ୍ରହ କରି ସରକାର ଇକେୱାଇସି ତଥ୍ୟ ଆଧାର ରେ ସରକାରୀ ଚାକିରୀ ଥାଇ ରାସନ ହାତେଉଥିବା ପରିବାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି ଓ ୧୭/୧/୨୦୨୫ ରିଖ ଖାଦ୍ୟ ଯୋଗାଣ ବିଭାଗର ଚିଠି ସଂଖ୍ୟା ୧୦୫୪ ଅନୁସାରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ରାସନ ହାତେଇଥିବା ସରକାରୀ କର୍ମଚାରୀଙ୍କ ତାଲିକା ସହିତ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ମଧ୍ୟ ଆସିଛି । ତେବେ ସୂଚନାରୁ ଜଣାପଡିଛି ବାଲିଆପାଳ ବ୍ଲକକୁ ବିଭାଗ ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬୫ଟି ରାସନ କାର୍ଡର ତାଲିକା ଆସିଛି । ଯେଉଁ କାର୍ଡ ଗୁଡିକରେ ସମୁଦାୟ ୬୯୮ ଜଣ ହିତାଧିକାରୀଙ୍କ ନାମରେ ରାସନ ଉଠାଯାଉଅଛି । ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରୀ କରୁଥିବା ସତ୍ୱେ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏମାନେ ରାସନ ଉଠାଉଛନ୍ତି । ରାସନ କାର୍ଡର ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଖବର ଶୁଣି ବର୍ତ୍ତମାନ ତାଲିକାରେ ଥିବା ସରକାରୀ ଚାକିରିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ସରକାର ଯେତେ ଶୀଘ୍ର ଅଯୋଗ୍ୟ ପରିବାରକୁ ବାଦ ଦେବେ ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ପରିବାରକୁ ତାଙ୍କ ସ୍ଥାନରେ ସାମିଲ ହୋଇ ପାରିବେ । ତେବେ ଆସନ୍ତା ଜାନୁୟାରୀ ୩୦ ତାରିଖ ଭିତରେ ଅଯୋଗ୍ୟ ହିତାଧୀକାରୀ ସେମାନଙ୍କ ରାସନ କାର୍ଡ ନ ଫେରାଇଲେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହେବା ସହ ସେମାନେ ନେଇଥିବା ଖାଦ୍ୟ ସାମଗ୍ରୀର ଖୋଲାବଜାର ଦର ପ୍ରତି କି.ଗ୍ରା ୪୩ଟଙ୍କା ସହିତ ୧୦ପ୍ରତିଶତ ସୁଧ ମିଶାଇ ଆଦାୟ କରାଯିବ ଏବଂ ସମ୍ପୃକ୍ତ ଅଯୋଗ୍ୟ ହିତାଧୀକାରୀ ଚାକିରୀ କରିଥିବା ବିଭାଗକୁ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯିବାକୁ ରାଜ୍ୟ ଖାଉଟି ଓ ଯୋଗାଣ ସଚିବଙ୍କ ନିର୍ଦ୍ଦେଶ ଥିବା କଥା ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ

ଜୟପୁର, ୧୯/୧ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି । ବୈଠକରେ ବ୍ଲକ ଅଧ୍ୟକ୍ଷା ତିଲୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ବିପିଏମ ନମିତା ତ୍ରିପାଠି ଉପସ୍ଥିତ ଥିବା ବେଳେ ଜିଲା କର୍ମ ଯୋଗାଣ ଅଧିକାରି ଶୁଭେନ୍ଦୁ ମିଶ୍ର ପରିଚାଳନା କରିଥିଲେ । ଏହି ଶିବିରରେ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ଜୟପୁର ବ୍ଲକର ୨୨ଟି ପଂଚାୟତର ଶିକ୍ଷିତ ଯୁବକ ଯୁବତୀ ସାମିଲ ହୋଇଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ନିୟୋଜିତ କାଯ୍ୟାଳୟ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଏହି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସରକାରୀ ପଲିଟେକନନିକ୍, କୋରାପୁଟ, ଗୋପବନ୍ଧୁ ସରକାରୀ ଶିଳ୍ପ ତାଲିମ ସଂସ୍ଥା, ଆମ୍ବାଗୁଡାର ପ୍ରଶିକ୍ଷତ ତଥା ସରକାରଙ୍କ ସହ ଅନୁବନ୍ଧିତ ୭ ଗୋଟି ତାଲିମ ପ୍ରଦାନ କାରୀ ସଂସ୍ଥାର ପ୍ରତିନିଧି ମାନେ ଭାଗ ନେଇ ଦକ୍ଷତା ବିକାଶ ଓ ବୈଷୟିତ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୮୨ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ଜିଲା ମାଧ୍ୟମରେ ଚାଲିଥିବା ସିଲେଇ ମେସିନ ଅପରେଟର, ଜୁନିଅର ସଂପ୍ଟ ୱେର ଡେଫଲପର, ଫିଟରସ ମାଇନିଂ ମେକାନିକ୍, ସୋଲାର ପ୍ୟାନେଲ୍ ଇନ୍‌ଷ୍ଟାଲେସନ ଟେକନିସିଆନ, ମୋବାଇଲ ରିପ୍ୟାରିଂ । ଜିଲା ବାହାରେ ଚାଲିଥିବା ପ୍ଲାଷ୍ଟିକ ପ୍ରୋସେସିଂ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ସ୍ୱଳ୍ପ କାଳୀନ ତାଲିମ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଯାଇଥିଲା । ସରକାରଙ୍କ ତରଫରୁ ସମ୍ପୁର୍ଣ୍ଣ ମାଗଣାରେ ତାଲିମ ଦେବା ସହ ରହିବା ପାଇଁ ହଷ୍ଟେଲ ଓ ତାଲିମ ପରେ ନିଶ୍ଚିତ ନିଯୁକ୍ତିର ସୁବିଧା ରହିଥିବା ପରାମର୍ଶ ଦିଆଯାଇଛି ।

# ନ୍ୟାର୍ଯ୍ୟ ଅଧିକାର ପାଇଁ ମୂଳନିବାସୀ ୟୁନାଇଟେଡ଼ ଫୋରମର ରଣ ହୁଙ୍କାର

ଭୁବନେଶ୍ୱର, ୧୯/୧ (ନି.ପ୍ର): ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଦିନକୁ ଦିନ ରାଜ୍ୟରେ ଦଳିତ, ଆଦିବାସୀ ତଥା ସଂଖ୍ୟାଲଘୁମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚର ବଢି ଚାଲିଥିବା ବେଳେ ସରକାର ନୀରବଦ୍ରଷ୍ଟା ସାଜିବା ପ୍ରତିବାଦରେ ଫୋରମ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଭୁବନେଶ୍ୱରଠାରେ ମୂଳନିବାସୀ ୟୁନାଇଟେଡ଼ ଫୋରମର ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ତଥା ରାଜ୍ୟ କର୍ମକର୍ତ୍ତାମାନେ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହିତ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ଏକ ଜନମଙ୍ଗଳ ରାଷ୍ଟ୍ରରେ ମୂଳନିବାସୀମାନେ ନିଜ ସାମ୍ବିଧାନିକ ଅଧିକାରରୁ ବଂଚିତ ରହିବା ଏବଂ ଜାତିଆଣ ଆକ୍ଷେପର ଶିକାର ହେବା ଏକ ଲଜ୍ଜାଜନକ ଘଟଣା । ଏହାର ପରିସମାପ୍ତି ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ଦେହୁରୀ ମତବ୍ୟକ୍ତ କରିଥିଲେ ।

# ବେଣୀପୁର ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୯/୧ (ନି.ପ୍ର): ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ସରକାରୀ ହାଇସ୍କୁଲର ତିନିଦିନ ବ୍ୟାପି ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ବେଣୀପୁର ଗ୍ରାମପଂଚାୟତର ସରପଂଚ ମୋହନ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟ ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା ଯୋଗଦେଇ ଆଜିର ଅବକ୍ଷୟମୁଖୀ ସମାଜରେ ଶ୍ରବଣ କୁମାରର ଆବଶ୍ୟକତା ରହିଛି । କତବ୍ୟ ନିଷ୍ଠା ଓ ନିରନ୍ତର ପ୍ରଚେଷ୍ଟା ପ୍ରତ୍ୟେକ ବ୍ୟକ୍ତି ସଫଳତାର ଶୀର୍ଷରେ ପହଂଚିପାରେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ବୈଷ୍ଣବ ଚରଣ କୁଣ୍ଡ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ସୁଦିପ୍ତ କେଶରୀ ସାମଲ, ସମାଜସେବୀ ଜ୍ଞାନେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡାର ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଶିକ୍ଷକ ଗୟାଧର ସାହୁ ମଂଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ପାଢୀ, ଶିଶିର କୁମାର ଜୋଜୋ, ଶିକ୍ଷିକା ସୁନିତା ସାହୁ, ସୌଭାଗ୍ୟଲକ୍ଷ୍ମୀ ପୃଷ୍ଟି, ଚନ୍ଦ୍ରଭାନୁ ନାଥଶର୍ମା । ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲା ବେଳେ ଶିକ୍ଷକ ପ୍ରିୟ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦଶମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ସାହୁ ଓ ଛାତ୍ର ଜନ୍ମେଜୟ ମଲ୍ଲିକ ଚମ୍ପିଆନ ହୋଇଥିଲେ ।

# ଗୋଛାପଡା ଡେରାକୁମ୍ପା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ପ୍ରଧାନ ଶିକ୍ଷକଙ୍କ ସହ ଦୁଇ ମୃତ

କନ୍ଧମାଳ, ୧୯/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଡେରାକୁମ୍ପା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ବାଇକ ଆରୋହୀଙ୍କର ମଧ୍ୟ ମେଡିକାଲ ନେବା ସମୟରେ ମୃତ୍ୟୁ ହୋଇଥିବା ଜଣାପଡିଛି । ତେଣେ ମୃତ ଶିକ୍ଷକ ଜଣକ କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଘାଟିଗୁଡା ଗାଁ ର ରବିଚନ୍ଦ୍ର ଦାଶ ବୋଲି ଜଣାପଡିଥିବା ବେଳେ ସେ ନିଜ ପରିବାର ସହ ଫୁଲବାଣୀ ସହରରେ ରହି ଆସୁଥିଲେ ଓ ସେ ଫିରିଙ୍ଗିଆ ବ୍ଲକ ନୂଆଁପଦର ଠାରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ସେହିପରି ଘଟଣାରେ ମୃତ୍ୟୁ ବରଣ କରିଥିବା ବାଇକ ଆରୋହୀ ଜଣକ ଗୋଛାପଡା ଥାନା ଅଧୀନରେ ଥିବା ସଳାଗୁଡା ଗାଁର ବିଶ୍ୱମ୍ଭର କହଁର ବୋଲି ଜଣାଅଡ଼ିଛି । ସୂଚନା ଅନୁସାରେ ମୃତ ଶିକ୍ଷକ ଜଣକ ଶନିବାର ସକାଳୁ ଫିରିଙ୍ଗିଆ ବ୍ଲକର ଲୋଇସିଂ ହାଇସ୍କୁଲ ରେ ଥିବା ଶିକ୍ଷକ ମାନଙ୍କ ର ଏକ ତାଲିମ କାର୍ଯ୍ୟକ୍ରମ ରେ ଯୋଗ ଦେବା ପାଇଁ ନିଜ ବାଇକ ରେ ଯାଉଥିବା ସମୟରେ ଫୁଲବାଣୀ ଗୋଛାପଡା ମୁଖ୍ୟ ରାସ୍ତାର ଡେରାକୁମ୍ପାରେ ଥିବା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଗୋଛାପଡା ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କାଟି ଏତେ ଜୋର ରେ ହୋଇଥିଲା ଯେ ବାଇକରୁ ଛିଟିକି ପଡି ଶିକ୍ଷକ ଜଣକ ରାସ୍ତାରେ କଚାଡି ହୋଇବ ପଡ଼ିଥିଲେ । ଫଳରେ ଘଟଣା ସ୍ଥଳରେ ହିଁ ଶିକ୍ଷକଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟପଟେ ଶିକ୍ଷକଙ୍କ ଗାଡିକୁ ଧକ୍କା ଦେଇଥିବା ଦୁଇଜଣ ବାଇକ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋଛାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ଓ ସେମାନଙ୍କ ମାଧ୍ୟରୁ ଜଣକ ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାବାଟରେ ତାର ମୃତ୍ୟୁ ହୋଇଥିଲା ଓ ତେବେ ଘଟଣା ସ୍ଥଳରେ ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ସହ ତାଙ୍କ ଟିମ ପହଂଚି ଶବକୁ ଜବତ କରିଥିଲେ । ନୂଆପଦର ହାଇସ୍କୁଲ ର ଖେଳ ଶିକ୍ଷକ ଗୌରଚନ୍ଦ୍ର ମହାନ୍ତି, ଫିରିଙ୍ଗିଆ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶିବାଜୀ କହଁରଙ୍କ ସହ ଅନ୍ୟ ଶିକ୍ଷକ ଓ ମୃତ ଶିକ୍ଷକଙ୍କ ସହକର୍ମୀ ମନେ ପହଂଚିବା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠେଇ ଦେଇଛି । ସେପଟେ ମୃତ ମେଡିକାଲ ନେବା ବାଟରେ ମୃତ୍ୟ ହୋଇଥିବା ବାଇକ ଆରୋହୀଙ୍କ ଶବକୁ ମଧ୍ୟ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଦେଇଥିବା ସୂଚନା ମିଳିଛି ଓ ଘଟଣାକୁ ନେଇ ଗୋଛାପଡା ଥାନାରେ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା କରି ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଘଟଣାର ତଦନ୍ତ ଦାୟିତ୍ୱ ରେ ଥିବା ପୋଲିସ ଅଧିକାରୀ ରୂପକ କୁମାର ଦଳେଇ । ସେପଟେ ଶିକ୍ଷକଙ୍କ ମୃତ୍ୟୁ ଖବର ମିଳିବା ପରେ ସାରା ଫିରିଙ୍ଗିଆ ଅଂଚଳ ସ୍ତବ୍ଧ ହୋଇଯାଇଥିବା ବେଳେ ନୂଆପଦର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ ଶିକ୍ଷକ ଜଣକ ତାଙ୍କର ଚାକିରିଜୀବନ ଏହି ନୂଆପଦର ବିଦ୍ୟାଳୟ ରୁ ଆରମ୍ଭ କରିଥିବାବେଳେ ଦୀର୍ଘ ୧୯ ବର୍ଷ ଧରି ଏହି ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଗତ ଦୁଇବର୍ଷ ତଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସର ପରେ ସେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ତୁଲାଇ ଆସୁଥିଲେ । ମୃତ ଶିକ୍ଷକ ଜଣକ ଜଣେ ଅମାୟିକ, ଶାନ୍ତିପ୍ରିୟ, ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବରେ ଭାବରେ ନୂଆପଦର ଅଂଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବେଳେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି ।

# କଳାହାଣ୍ଡି ଜିଲ୍ଲା ସଂସ୍କୃତି ଭବନର ଭିତିପ୍ରସ୍ତର ସ୍ଥାପନ

ଭବାନୀପାଟଣା, ୧୯/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନୂତନ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମୋଦନ କ୍ରମେ ୫,୪୯,୯୫,୨୦୦ ଟଙ୍କା ର ବଜେଟ ରେ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଭବାନୀପାଟଣା ନିକଟରେ ନିର୍ମାଣ ହେବାକୁଥିବା ନୂତନ ସଂସ୍କୃତି ଭବନ ର ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ଆଜି ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୋଗଦେଇ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ନୂତନ ସରକାର ଆସିଲା ପରେ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ କଳାହାଣ୍ଡି ର ଲୋପ ପାଇଯାଉଥିବା ନୃତ୍ୟ, କଳା, ସଙ୍ଗୀତ, ନାଟକ ଓ କଳାକାରଙ୍କର ବିକାଶ ଓ ଉନ୍ନତି ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରିରହିଛି ଏବଂ ଏଥିପାଇଁ କଲଚର୍ ପଲିସି ରେ ରଖାଯାଇଛି । ଲୋକଙ୍କର ସୁବିଧା ପାଇଁ ନୂତନ ନିର୍ମାଣ ହେବାକୁ ଥିବା ସଂସ୍କୃତି ଭବନ ରେ ଇ ଲାଇବ୍ରେରୀ ର ବ୍ୟବସ୍ଥା ରଖାଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ । ଏବଂ ଜିଲ୍ଲା ର ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଯୁବ ସେବା ର ବିକାଶ ଓ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଇ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ । ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଳବିକା ଦେବୀ ସାଂସଦ କଳାହାଣ୍ଡି, ସାଂସଦ ରାଜ୍ୟ ସଭା ସୁଜିତ କୁମାର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ଥିଲେ । କଳାହାଣ୍ଡି ଉତ୍ସବ ଘୁମୁରା ର ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବାରୁ ମନ୍ତ୍ରୀ ଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା କୁ ଅଧିକ ପ୍ରସାର ପ୍ରଚାର କରିବା ସହିତ ବିଶ୍ୱ ଦରବାରରେ କିପରି ପହଂଚିବ ସେଥିପାଇଁ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସଂସାଦ ମାଳବିକା ଦେବୀ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ଓ୍ୱାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ସୂରଜ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ପ୍ରମୁଖ କ୍ରୀଡାବିତ୍, କଳାକାର, କଳକାର ସଂଘ ର କର୍ମକର୍ତ୍ତା ମାନଙ୍କ ସହିତ ଆଲୋଚନା କରିଥିଲେ ଏଥିରେ କଳା, ସଂସ୍କୃତି ଓ କ୍ରୀଡ଼ା ର ବିକାଶ ଓ ଉନ୍ନତି ନିମନ୍ତେ ଆବଶ୍ୟକ ଭିତିଭୂମି, ସହାୟତା ପ୍ରଦାନ ନିମନ୍ତେ ମନ୍ତ୍ରୀ ଙ୍କର୍ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ସାଂସଦ ମାଳବିକା ଦେବୀ, ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ,ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।

# ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଥାନୁଆଳ ପଂଚାୟତ ମୁରାରୀପୁରସ୍ଥିତ ଗୋପାଳ ଜିୟୁ ହାଇସ୍କୁଲର ବାର୍ଷୀକ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନସୀକ ଓ ଶାରିରୀକ ବିକାଶ ହୋଇଥାଏ ବୋଲି କହିଥିଲେ । ଦୁଇ ଦିନ ବ୍ୟାପି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ଜୟପୁର, ୧୯/୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ଥାପନ ପରେ ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପୀତ ହୋଇଯାଇଛି । ଦୁଇ ଦିନିଆ ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହା ପ୍ରଥମ କ୍ରୀଡା ଆୟୋଜିତ ହୋଇଥିଲା ବୋଲି କହିଥିଲେ । ତେଣୁ ପାଠ ପଢିବା ପାଇଁ ମାନସିକ ସ୍ତରରେ ସୁସ୍ଥ ରହିବାର ନିତାନ୍ତ ଆବଶ୍ୟକ ରହିଛ । କିନ୍ତୁ ମାନସିକ ସ୍ଥରେ ସୁସ୍ଥ ରହିବା ପାଇଁ ଶାରରୀକ ବ୍ୟାୟାମ ନିତାନ୍ତ ଆବଶ୍ୟକ ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ କ୍ରୀଡା ଆବଶ୍ୟକ । ତେଣୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ବାର୍ଷିକ କ୍ରୀଡ ଆୟୋଜିତ ହୋଇଥାଏ ବୋଲି କହିଥିଲେ । ଏହିପରି ଆଗାମୀ ମାସରେ ବିଶ୍ୱବିଦ୍ୟାଳୟ ୨ୟତମ ବାର୍ଷିକ ଉତ୍ସବ ଆୟୋଜନ ଆଡମ୍ବରରେ ପାଳନ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ସମ୍ମାନୀତ କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ମଶାଲକୁ ଲିଭାଇବା ସହ କ୍ରଡା ପତକାକୁ ଅବତରଣ କରାଯାଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟ ସ୍ନାତକ, ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ନେଇ ବରିଷ୍ଠ ବିଭାଗ ଏବଂ ଯୁକ୍ତ ୨ କନିଷ୍ଠ ମହାବିବଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ବିଭାଗ ଦୌଡକୁଦ, ଲମ୍ବଡିଆଁ, ଡିସକୋସ, ଜେଭେଲିନ ଏବଂ ଅନ୍ୟାନ୍ୟ କ୍ରୀଡାରେ ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥି ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଶ୍ରୀ ମିଶ୍ର, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାତ୍ର, କ୍ରୀଡା କାଉନସିଲର କାର୍ଯ୍ୟକାରୀ ସମ୍ପାଦକ ଅଧାପକ ସଚ୍ଚିନ କୁମାର ନାୟକ, ଉପସଭାପତି ଡଃ. ରୁଶଭ କୁମାର ସାହୁ, ସହକାରୀ ଉପସଭାପତି ଅଧାପିକ ସନ୍ତୋଷିନୀ ମୁଣ୍ଡା, କ୍ରୀଡା ପ୍ରଶିକ୍ଷକ ଭାଗବତ ପ୍ରସାଦ ସିଂ ମଂଚାସିନ ଥିଲେ । ପ୍ରକାଶ ଯେ, ଗତ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପ୍ରଥମ କ୍ରୀଡା ଉତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ପ୍ରଜ୍ୱଳନ କରିଥିବା ସହ ଶୁଭାରମ୍ଭର ଘୋଷଣା କରିଥିଲେ ।

# ପୋଖରୀ ଉନ୍ନତି କରଣ ନାଁରେ ଅର୍ଥ ହରିଲୁଟ: ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

ଘଟଗାଁ, ୧୯/୧ (ନି.ପ୍ର): ପୋଖରୀ ଉନ୍ନତି କରଣ ନାଁରେ ମନରେଗା ଯୋଜନାରେ ଚଂଚକତାର ସହ ଅର୍ଥ ହରିଲୋଟ, ଗର୍ଭବତୀ, ଅନ୍ଧ, ବଡ ବ୍ୟବଶାୟୀ, ଭୋଗ ଦୋକାନୀ ଏବଂ ମୃତ ବ୍ୟକ୍ତିଙ୍କ ନାମରେ ଉଠିଛି ଟଙ୍କା । ୨୦ଲକ୍ଷ ବ୍ୟୟ ଅଟକଳ ପରେ ସୁଧା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ, କଂଟ୍ରାକ୍ଟର ମାଲେମାଲ । ପ୍ରକାଶ ଥାଉକି ଘଟଗାଁ ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ତାରିଣୀ ଗଡିଆ ଉନ୍ନତି କରଣ କାର୍ଯ୍ୟ ନିମନ୍ତେ ୧୨/୬/୦୨୩ ରିଖ ଘଟଗାଁ ପଂଚାୟତ ସମିତି ତରଫରୁ ଓ୍ୱାର୍କ ଆଡର ନମ୍ବର ୨୫୯୧ରେ ୧୦ଲକ୍ଷ ଟଙ୍କାର ବେୟ ଅଟକଳରେ ପୋଖରୀ ଉନ୍ନତି ପାଇଁ ପ୍ରୋଜେକଟ ଫାଇଲ ଖୁଲା ଯାଇଥିଲା । ପୁନର୍ବାର କିଛି ଦିନ ବ୍ୟବଧାନ ଭିତରେ ସେହି ସମାନ ପୋଖରୀ ଉପରେ ଘଟଗାଁ ପଂଚାୟତ ସମିତି, ଘଟଗାଁ ତରଫରୁ ଓ୍ୱାର୍କ ଅଡର ନମ୍ବର ୨୬୩୯ରେ ୫ମ ଏସଏଫସି ଜିଆଇଏ କ୍ରିଏଟିସନ କ୍ୟାପିଟାଲ ଆସେଟକ / ୨୦୨୩/୨୪ ମସିହାରେ ତା - ୧୯/୦୬/୦୨୪ରେ ୧୦ ଲକ୍ଷ ଟଙ୍କା ପୁନର୍ବାର ମଞ୍ଜୁର ହୋଇଥିଲା । ଉକ୍ତ କାର୍ଯ୍ୟ ୨୦/୧୦/୦୨୩ ରିଖ ସମ୍ପୂର୍ଣ ହୋଇଥିବା ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରକାରୀ କାଗଜ ପତ୍ରରେ ଦର୍ଶାଇଥିବା ବେଳେ ବାସ୍ତବରେ ପୋଖରୀ ଉନ୍ନତି କରଣ କାର୍ଯ୍ୟ ଏବେ ସୁଧା ଅଧପାନ୍ତରିଆ ରହିଛି । ଯାହା ଫଳରେ ଦୂରଦୂରାନ୍ତରରୁ ଆସୁଥିବା ଭକ୍ତ ମାନେ ନିତ୍ୟକର୍ମ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏଥିପ୍ରତି ନୂତନ ସରକାର ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଡାଲଚିନିର ଅଦ୍ଭୁତ ଫାଇଦା: ଏମିତି କରନ୍ତୁ ବ୍ୟବହାର, ରାତିକ ଭିତରେ ଚିକ୍ ଚିକ୍ କରିବ ମୁହଁ !

ରୋଷେଇ ଘରେ ଥିବା ଡାଲଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।



ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଲଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଲଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଡାଲଚିନି-ମହୁ : ଡାଲଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଶ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ୍ୟ ଲଗାଇବାକୁ ଭୁଲନ୍ତୁ ନାହିଁ।



ଡାଲଚିନି-ଲେମ୍ବୁ ରସ :ଲେମ୍ବୁ ରସକୁ ଡାଲଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ୍ୟ ଦୂର କରିଥାଏ।

ଡାଲଚିନି-ଗୋଲାପ ଜଳ : ଡାଲଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ଚଐ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ୍ୟ ହ୍ରାସ କରିଥାଏ।

ଡାଲଚିନି-ଘିଁକୁଆରୀ : ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ




ଡାଲଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।

ଡାଲଚିନି-ଚନ୍ଦନ : ଡାଲଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।




# ଆପଣାନ୍ତୁ ଏହିସବୁ ଖାଦ୍ୟ: ରହିବନି ଲିଭରରେ ତ୍ରୁଟି

ଶରୀରକୁ ସୁସ୍ଥ ରଖିବା ପାଇଁ ଲିଭର ବା ଯକୃତ ସୁସ୍ଥ ରହିବା ନିହାତି ଜରୁରୀ, କାରଣ ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବୈର୍ଜ୍ୟ ପଦାର୍ଥ ନିଷ୍କାସନ କରି ସୁସ୍ୱାସ୍ଥ୍ୟ ବଜାୟ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଯକୃତ ଶରୀରରେ ଭିଟାମିନ୍, କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ସଂରକ୍ଷଣ ଭାବରେ କାମ କରେ।



ଗାଜର: ଯକୃତକୁ ସୁସ୍ଥ ରଖିବା ପାଇଁ ଗାଜର ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ବିଟା କାରୋଟିନ୍, ଭିଟାମିନ୍-ଏ, ଭିଟାମିନ୍-ସି, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ। ଏହା ବ୍ୟତୀତ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

ଅଞ୍ଜୀର: ଯକୃତ ସ୍ୱାସ୍ଥ୍ୟ ପାଇଁ ଅଞ୍ଜୀର ସର୍ବୋତ୍ତମ ଉପାଦେୟ। ଏଥିରେ କ୍ୟାଲସିୟମ୍, ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ମିଳିଥାଏ। ନିୟମିତ ଭାବେ ଅଞ୍ଜୀର ସେବନ କଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୃଢ ହୋଇଥାଏ।

ଅଙ୍ଗୁର: ଯକୃତ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍-ସି ଅତ୍ୟନ୍ତ ଜରୁରୀ। ଅଙ୍ଗୁରରୁ ଭିଟାମିନ୍-ସି ପ୍ରଚୁର ପରିମାଣରେ ମିଳିଥାଏ।

ତରଭୁଜ: ଯକୃତକୁ ସୁସ୍ଥ ରଖିବା ପାଇଁ ତରଭୁଜ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କାରଣ ତରଭୁଜ ଯକୃତକୁ ଡିଟକ୍ସିଫାଏ କରିଥାଏ ଏବଂ ତରଭୁଜ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିଥାଏ।

ରସୁଣ: ରସୁଣ ଯକୃତ ପାଇଁ ବେଶ୍ ଲାଭଦାୟକ। ସକାଳେ ଖାଲି ପେଟରେ ରସୁଣ ଖାଇ ପାରିବେ। ଏହାକୁ ଖାଇବା ଦ୍ୱାରା ଶରୀରରୁ ବର୍ଜ୍ୟ ପଦାର୍ଥ ନିଷ୍କାସିତ ହୋଇଥାଏ। ଏହା ବ୍ୟତୀତ ରସୁଣକୁ ନିୟମିତ ଖାଇବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଅନ୍ୟ ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର ଗାଈଘିଅ, ରଖେ ନିରୋଗ ଓ ଦୀର୍ଘାୟୁ

ଆମ ସଂସ୍କୃତିରେ ଗୋ-ଘୃତ ବା ଗାଈଘିଅର ଏକ ବିଶେଷ ଭୂମିକା ରହିଛି। ପୂଜା, ହୋମ ଆଦି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପେ ବହୁତେ ଅବଗତ। ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଏହାର ବିଶେଷ ଭୂମିକା ରହିଛି। ଆୟୁର୍ବେଦ ମତରେ, ଗୋଘୃତ ହେଉଛି ସମସ୍ତ ପ୍ରକାରର ସ୍ନେହ ବା ଚର୍ବିଜାତୀୟ ଖାଦ୍ୟ ମଧ୍ୟରେ ଶ୍ରେଷ୍ଠ। ଏଥିରେ ଅଧିକ ପରିମାଣରେ ପରିପୃକ୍ତ ସ୍ନେହସାର ବା ଚର୍ବି ରହିଥିଲେ ମଧ୍ୟ, ଏଥିରେ ଥିବା ବସା ଅମ୍ଳ ବା 'ଫ୍ୟାଟି ଏସିଡ୍'ର ସ୍ୱଳ୍ପ ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ବସାଅମ୍ଳ ବା 'ଏସେନ୍‌ସିଆଲ ଫ୍ୟାଟି ଏସିଡ୍'ର ଉପସ୍ଥିତି ଯୋଗୁଁ, ଏହା ଅନ୍ୟାନ୍ୟ ସ୍ନେହସାର ବା ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର। ସେଥିପାଇଁ, ଅତି ପ୍ରାଚୀନକାଳରୁ, ସ୍ୱାସ୍ଥ୍ୟରକ୍ଷାକୁ ଲକ୍ଷ୍ୟରେ ରଖି ଆମ ଦୈନନ୍ଦିନ ଆହାରରେ ଗୋ-ଘୃତର ପ୍ରୟୋଗ କରାଯାଇଛି। ଆୟୁର୍ବେଦ ମତରେ, ଗୋ-ଘୃତ ନିତ୍ୟ ସେବନ କରିବା ଦ୍ୱାରା ଆମର ଧାରଣଶକ୍ତି, ସ୍ମୃତିଶକ୍ତି, ମେଧା, ଅଗ୍ନି, ବଳ, ଓଜନ ଓ ଆୟୁ ବୃଦ୍ଧି ହୋଇଥାଏ। ଏହା ଆମର ଶୁକ୍ରଧାତୁ, ସ୍ୱର ତଥା ନେତ୍ର ପାଇଁ ହିତକାରୀ। ଏହା ବାତ ଓ ପିତ୍ତର ବିକାର, ଉନ୍ମାଦ, ଅପସ୍ମାର ଓ ଜ୍ୱର ଜନିତ ପ୍ରଦାହକୁ ମଧ୍ୟ ନଷ୍ଟ କରିଥାଏ। ଶରୀରର ଓଜ ଓ ତେଜ ଏହାଦ୍ୱାରା ବୃଦ୍ଧି ହୋଇଥାଏ। ମୁଖଗହ୍ୱରରେ ଘା' ହେଲେ ଏବଂ ଶୀତ ଋତୁରେ ଓଠ ଓ ପାଦତଳ ଫାଟିଲେ, ଗୋଘୃତ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନିୟମିତ ଗୋଦୁଗ୍ଧ ଓ ଗୋଘୃତକୁ ଏକତ୍ର ସେବନ କଲେ ଏହା ବାର୍ଦ୍ଧକ୍ୟକୁ ବିଳମ୍ବିତ କରିଥାଏ। ଗୋଘୃତ ସାଧାରଣତଃ ପ୍ରାତଃଭୋଜନ ପୂର୍ବରୁ କିମ୍ବା ପ୍ରାତଃଭୋଜନ ସହିତ ସେବନୀୟ। ଏହାର ମାତ୍ରା- ଅଗ୍ନିର ବଳ ତଥା କୋଷ୍ଠ ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତେବେ ଏହାକୁ ଆମେ ସାଧାରଣତଃ ଅଧଚାମଚ ମାତ୍ରାରେ ସେବନ କରିପାରିବା। ଗୋ-ଘୃତ ସେବନ ପରେ



ଉଷୁମପାଣି ପିଇବା ବିଧେୟ। ତେବେ କେତେକ କ୍ଷେତ୍ରରେ ସେବନ ଅନୁଚିତ। ଏହି ସ୍ୱାସ୍ଥ୍ୟ ସମସ୍ୟା ହେଉଛି- ଉଚ୍ଚ କୋଲେଷ୍ଟରଲ, ଯକୃତ ସମ୍ବନ୍ଧୀୟ ରୋଗ, ଅଜୀର୍ଣ୍ଣ, ଜ୍ୱର, ଝାଡ଼ା ଇତ୍ୟାଦି। ଉଚିତ ମାତ୍ରାରେ ଏବଂ ବିଧିପୂର୍ବକ ଗୋଘୃତ ସେବନ ମନୁଷ୍ୟକୁ ନିରୋଗ ରଖିବା ସହିତ ଦୀର୍ଘାୟୁ କରିଥାଏ।

# ଦାନ୍ତବିନ୍ଧାର ଘରୋଇ ଉପଚାର

ଦାନ୍ତବିନ୍ଧା ଏମିତି ଏକ ଯନ୍ତ୍ରଣା ଯାହା ଲିଙ୍ଗ, ବୟସ, ଧନୀ-ଗରିବ ନିର୍ବିଶେଷରେ ଯେ କୌଣସି ପରିସ୍ଥିତିରେ ଅପ୍ରତ୍ୟାଶିତ ଭାବେ ଉପୁଜିପାରେ। ସେଥିରୁ ମୁକୁଳିବା କେତେ କଷ୍ଟକର, ତାହା ଯିଏ ଭୋଗିଛି ସେ ହିଁ କେବଳ କହିପାରିବ। ଦାନ୍ତବିନ୍ଧାର ସାଧାରଣ କାରଣଗୁଡ଼ିକ ହେଲା- ସଂକ୍ରମଣ, ଦନ୍ତକ୍ଷୟ, ମାଢ଼ିଫୁଲା ଓ ଦାନ୍ତମୂଳ ବାହାରକୁ ଦିଶିବା। ଏପରି କିଛି ଘରୋଇ ଉପଚାର ରହିଛି ଯାହା ଦାନ୍ତ ଯନ୍ତ୍ରଣା ଲାଘବ କରିବାରେ ସକ୍ଷମ। ଏକ ଅତି ସରଳ ଉପଚାର ହେଲା ଲୁଣପାଣିରେ କୁଲୁକୁଞ୍ଚା କରିବା। ଲୁଣ ହେଉଛି ଏକ ପ୍ରାକୃତିକ ସଂକ୍ରମଣ-ବିରୋଧୀ ଯାହା ପ୍ରଦାହ, ଫୁଲା ଓ ଦାନ୍ତମୂଳରେ ବୀଜାଣୁ ଉପସ୍ଥିତିକୁ କମାଇଦେଇଥାଏ। କୌଣସି ସଂକ୍ରମଣ କି ମାଢ଼ିଫୁଲା ଯୋଗୁଁ ଦାନ୍ତବିନ୍ଧା ହେଉଥିଲେ, ଲୁଣପାଣି ଭଲ କାମ କରେ। ଲବଙ୍ଗ ତେଲ ଦାନ୍ତବିନ୍ଧାର ଏକ ଲୋକପ୍ରିୟ ଉପଚାର। ଲବଙ୍ଗରେ 'ୟୁଜିନଲ୍' ନାମକ ପ୍ରାକୃତିକ ନିଶ୍ଚେତକ ତଥା ବୀଜାଣୁବିରୋଧୀ ଉପାଦାନ ରହିଛି, ଯାହା ଯନ୍ତ୍ରଣା ଓ ପ୍ରଦାହ କମାଇପାରିବ। ଲବଙ୍ଗ ତେଲ ନଥିଲେ ଦାନ୍ତମୂଳରେ ଗୋଟିଏ ଲବଙ୍ଗ ରଖିଲେ ଅନୁରୂପ ଫଳ ମିଳିପାରିବ। ପିଜୁଳିପତ୍ରର ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ଗୁଣ ରହିଛି। ତେଣୁ କିଛି ସଜ ପିଜୁଳିପତ୍ରକୁ ଚୋବାଇଲେ ପାଟିରେ ଥିବା ବୀଜାଣୁଙ୍କର ମୃତ୍ୟୁ ଘଟି ଦାନ୍ତବିନ୍ଧା କମିଥାଏ। ରସୁଣରେ ଥିବା 'ଆସିଲିନ୍' ନାମକ ରସାୟନ ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ହୋଇଥିବାରୁ ଦୁଇ ପାଖୁଡ଼ା ରସୁଣ ଚୋବାଇଲେ ମଧ୍ୟ ଦାନ୍ତବିନ୍ଧାରୁ ଉପଶମ ମିଳିପାରିବ। ହଳଦୀରେ ଥିବା 'କର୍କ୍ୟୁମିନ୍' ନାମକ ରାସାୟନିକ ପଦାର୍ଥ ପ୍ରଦାହ କମାଇବା ସହ ସଂକ୍ରମଣରୁ ରକ୍ଷା କରିଥାଏ। ଗୋଟା ହଳଦୀର ଗାଣ୍ଠି କିମ୍ବା ହଳଦୀଗୁଣ୍ଡରେ ପାଣି ମିଶାଇ ଏକ ମୋଟା ପ୍ରଲେପ ... ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ। ଦାନ୍ତ ପାଖରେ ବରଫ ... ା ସୃଷ୍ଟି କରୁଥିବା ସ୍ନାୟୁକୁ ଶିଥିଳ କରାଇ ଦାନ୍ତ ବିନ୍ଧା








# ପାଣ୍ଡବମାନେ କିପରି କରୁଥିଲେ ଉପବାସ; ଭାଙ୍ଗିବା ପରେ କ'ଣ ଖାଉଥିଲେ

*ମହାଭାରତ ସମୟରେ ପାଣ୍ଡବମାନେ ମଧ ଉପବାସ ପାଳୁଥିଲେ। ସେମାନେ କିପରି ଉପବାସ କରୁଥିଲେ, କିପରି ଉପବାସ ଭାଙ୍ଗୁଥିଲେ, ସେମାନଙ୍କର ଡାଏଟ୍ କ'ଣ ଥିଲା ତାହା ଆପଣ ଜାଣନ୍ତି କି ? ଆସନ୍ତୁ ସେ ବିଷୟରେ ଜାଣିବା। ଉପବାସ ରଖିବା ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅତ୍ୟାବଶ୍ୟକ ଅଂଶ। ପୂର୍ବରୁ, ଆମ ଜୀବନର ପ୍ରତ୍ୟେକ ବିଶେଷ ଉତ୍ସବ, ପର୍ବ ଏବଂ ଗୁରୁତ୍ୱପୂର୍ଣ୍ଣ ଦିନରେ ଉପବାସ ପାଳନ କରାଯାଉଥିଲା। ମହାଭାରତ ସମୟରେ ପାଣ୍ଡବମାନେ ମଧ ଉପବାସ ପାଳୁଥିଲେ। ସେମାନେ କିପରି ଉପବାସ କରୁଥିଲେ, କିପରି ଉପବାସ ଭାଙ୍ଗୁଥିଲେ, ସେମାନଙ୍କର ଡାଏଟ୍ କ'ଣ ଥିଲା ତାହା ଆପଣ ଜାଣନ୍ତି କି ? ଏହି ଲେଖା ମାଧମରେ, ଆମେ ଆପଣଙ୍କୁ କହିବୁ ପାଣ୍ଡବ ପାଞ୍ଚ ଭାଇ କିପରି ଉପବାସ କରୁଥିଲେ ଆଉ ଭାଙ୍ଗୁଥିଲେ ତାହା ଜଣାଇବୁ। ତେବେ ଆସନ୍ତୁ ଏପରି କଠିନ ଉପବାସ କାହିଁକି ପାଳନ କରାଯାଏ ଏବଂ ଏଥିରେ କଣ ଫଳ ମିଳେ ସେ ବିଷୟରେ ଜାଣିବା।*



<u>କେଉଁଦିନ ରଖୁଥିଲେ ଉପବାସ:</u>

ପାଣ୍ଡବ ଭାଇମାନେ ବିଶେଷ କରି ଏକାଦଶୀ ଦିନ ଉପବାସ କରୁଥିଲେ। ସେମାନଙ୍କର ସବୁଠାରୁ ଉଲ୍ଲେଖନୀୟ ଉପବାସ ହେଉଛି ନିର୍ଜଳା ଏକାଦଶୀ। ଏହାର କେବଳ ବିଶେଷ ମହତ୍ତ୍ୱ ନାହିଁ ବରଂ ଏହାର କଠୋର ନୀତି-ନିୟମ ମଧ୍ୟ ରହିଛି।

<u>ସବୁଠାରୁ କଠିନ ବ୍ରତ କ'ଣ ଥିଲା:</u>

ନିର୍ଜଳା ଏକାଦଶୀ ଉପବାସ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ସମୟରେ ହୋଇଥାଏ। ଏହା ସାଧାରଣତଃ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରାରମ୍ଭରେ ପଡେ। ଏହା ସବୁଠାରୁ ଚ୍ୟାଲେଞ୍ଜିଂ ଉପବାସ ମଧ୍ୟରୁ ଗୋଟିଏ। ଏଥିରେ ଉପବାସ କରୁଥିବା ବ୍ୟକ୍ତି ଏକାଦଶୀର ସୂର୍ଯ୍ୟୋଦୟ ଠାରୁ ଦ୍ୱାଦଶୀର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ (୨୪ ଘଣ୍ଟା) ଉଭୟ ଖାଦ୍ୟ ଏବଂ ଜଳରୁ ଦୂରେଇ ରୁହନ୍ତି। ପାଣ୍ଡବମାନେ ଏଭଳି କଷ୍ଟସାଧ ଉପବାସ ପାଳନ କରୁଥିଲେ।

<u>କିପରି ଭାଙ୍ଗୁଥିଲେ ଉପବାସ:</u>

ଏହି ଉପବାସକୁ ପାରମ୍ପରିକ ଭାବରେ ଦ୍ୱାଦଶୀରେ ସୂର୍ଯ୍ୟୋଦୟ ପରେ ଏକ ସରଳ ଭୋଜନ ସହିତ ଭଙ୍ଗାଯାଏ, ଯାହା ସାଧାରଣତଃ ଫଳ କିମ୍ବା ହାଲୁକା ଶାକାହାରୀ ଖାଦ୍ୟକୁ ନେଇ ଗଠିତ। ନିୟମିତ ଖାଇବା ଅଭ୍ୟାସକୁ ଫେରିବା ପାଇଁ ଭାରି କିମ୍ବା ଗରିଷ୍ଠ ଖାଦ୍ୟକୁ ଏଡାଇ ଦିଆଯାଉଥିଲା, ଅର୍ଥାତ୍ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟକୁ ଦୂରରେ ରଖାଯାଏ।

<u>ଉପବାସ ପରେ ପାଣ୍ଡବଙ୍କ ସାଧାରଣ ଖାଦ୍ୟ କ'ଣ ଥିଲା:</u>

ମହାଭାରତ ଏବଂ ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକର ସନ୍ଦର୍ଭ ଅନୁଯାୟୀ, ଏହି ଉପବାସ ପରେ ଯୁଧିଷ୍ଠିର ଖିରି ଖାଇବାକୁ ପସନ୍ଦ କରୁଥିଲେ, ଯାହା ଚିନି କିମ୍ବା ଗୁଡରେ କ୍ଷୀରରେ ଫୁଟାଯାଇଥିବା ଚାଉଳରେ ତିଆରି ଏକ ମିଠା ଖାଦ୍ୟ ଥିଲା। ଏହା ସହିତ ପାଣ୍ଡବମାନେ ଚାଉଳ କିମ୍ବା ଯଅରେ ନିର୍ମିତ ଗୋଲାକାର ପିଠା ଖାଉଥିଲେ, ଯାହାକୁ ଘିଅରେ ସେକା ଯାଉଥିଲା। ସେମାନେ ଖିର ଭଳି ଆଉ ଏକ ଖାଦ୍ୟ ସମ୍ପୂର୍ଣ୍ଣ ରୂପେ ଚାଉଳ ଏବଂ ଗୁଜୁରାତି ଏବଂ କେସର ପରି ମସଲା ସହିତ ତିଆରି କରି ଖାଉଥିଲେ। ସେମାନେ ମଧ ଗହମ ଅଟା ଏବଂ କ୍ଷୀରରୁ ପ୍ରସ୍ତୁତ ଏକ ମିଠା ଖାଉଥିଲେ, ଯାହା ଘିଅରେ ଶେକା ହୋଇ ତିଆରି ହେଉଥିଲା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରରେ ବିଲକ୍ଷଣ....

ଜନଗଣଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଏବଂ ସେମାନଙ୍କ ଆଶା-ଆକାଂକ୍ଷା ପ୍ରତିଫଳନ ଭିତ୍ତିକ ଶାସନ ବ୍ୟବସ୍ଥା ରୂପେ 'ଗଣତନ୍ତ୍ର'କୁ ସମଗ୍ର ବିଶ୍ୱ ସ୍ୱୀକୃତି ଦେଇଆସିଛି। କିନ୍ତୁ ସାମ୍ପ୍ରତିକ ଘଟଣାବଳୀର ତର୍ଜମା କଲେ ଗଣତନ୍ତ୍ରର ସପକ୍ଷବାଦୀ ସର୍ବସ୍ୱୀକୃତ ଚିନ୍ତାନାୟକ ତଥା ଦାର୍ଶନିକମାନେ ଦେଇଥିବା ମତ ଓ ମନ୍ତବ୍ୟ ପ୍ରତି ଏକ ହତାଶା ଓ ନିରାଶା ଭାବ ସୃଷ୍ଟି ହୁଏ। ବିପୁଳ ଜନାଦେଶ ଯଦି ମାନବ କଲ୍ୟାଣରେ ଉପଯୋଗ ହେବା ପରିବର୍ତ୍ତେ କ୍ଷମତା ଲାଳସାକୁ ଚରିତାର୍ଥ କରିବାର ସୁଯୋଗ ରୂପେ ବ୍ୟବହୃତ ହୁଏ, ତେବେ ସ୍ୱାଭାବିକ ଭାବେ ଗଣତନ୍ତ୍ରରୁ ଆକାଂକ୍ଷିତ ସଫଳତା ମିଳେ ନାହିଁ। ସେହିପରି କ୍ଷମତାରେ ଥିବା ଦଳ ଯଦି ଶାସନତନ୍ତ୍ରର ଦୁରୁପଯୋଗ କରେ, ତେବେ ବହୁମତରେ ନିର୍ବାଚିତ ସରକାର ନିର୍ଦ୍ଧାରିତ ମିଆଦ ପୂରଣ କରିବା ପୂର୍ବରୁ ଜନଆକ୍ରୋଶ ଓ ବିଦ୍ରୋହର ସମ୍ମୁଖୀନ ହୁଏ। ନିକଟ ଅତୀତରେ ଶ୍ରୀଲଙ୍କା ଓ ବାଂଲାଦେଶରେ ଏହା ପ୍ରମାଣିତ ହୋଇଥିବା ବେଳେ ଏହାର ସଦ୍ୟତମ ଉଦାହରଣ ରୂପେ ଦକ୍ଷିଣ କୋରିଆକୁ ନିଆଯାଇପାରେ। ସେଠାକାର ରାଷ୍ଟ୍ରପତି ୟନ ସୁକ୍ ୟୋଲଙ୍କୁ ଯେଉଁ ଢଙ୍ଗରେ ଗିରଫ କରାଗଲା, ତାହାର ଔଚିତ୍ୟ ତର୍ଜମା କଲା ବେଳେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରଠାରୁ ଆହୁରି ଏକ ଉଦାର ଶାସନ ବ୍ୟବସ୍ଥାର ବିକଳ୍ପ ଆବଶ୍ୟକତା ରହିଛି କି? ପୁଣି ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅପରିହାର୍ଯ୍ୟ? ଏହି ପୃଷ୍ଠଭୂମିରେ ବିଶ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥାର ସର୍ବମାନ୍ୟ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନଙ୍କ ବିଦାୟୀ ଭାଷଣର ଯଥାର୍ଥତା ଅନୁରଣିତ ହେଉଛି।

ଜୋ ବାଇଡେନ୍ ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ କରିଛନ୍ତି ତାହା କେବଳ ଆମେରିକା ନୁହେଁ ବିଶ୍ୱବାସୀଙ୍କ ପାଇଁ ଏକ ଚେତାବନୀ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଲକ୍ଷିତ ବିଲକ୍ଷଣ ଓ ବିରୋଧାଭାସ ପ୍ରାୟ ଅଧିକାଂଶ ରାଷ୍ଟ୍ରରେ ପରିଲକ୍ଷିତ ହେଉଛି। ଟ୍ରମ୍ପଙ୍କୁ ଇଙ୍ଗିତ କରି ବାଇଡେନ୍ ଚେତାବନୀ ଦେଇଛନ୍ତି ଯେ ଶାସନତନ୍ତ୍ରରେ ପୁଞ୍ଜିପତିଙ୍କ ଅଖଣ୍ଡ ପ୍ରଭାବ ସମୟକ୍ରମେ ଆମେରିକାର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। କ୍ରମେ ପୁଞ୍ଜିପତିଙ୍କ ସ୍ୱାର୍ଥ ଶାସନ ବ୍ୟବସ୍ଥାରେ ଅଗ୍ରାଧିକାର ପାଇବ ଏବଂ ତାହାର ପ୍ରତିକୂଳ ପ୍ରଭାବ ଭୋଗିବେ ଦେଶବାସୀ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ସକାଶେ ଯେଉଁ ରାଷ୍ଟ୍ର ସମଗ୍ର ବିଶ୍ୱର ନେତୃତ୍ୱ ନେଉଥିଲା, ସେଠାରେ ଗଣତନ୍ତ୍ରର ଏହି ବିକଳ ଅବସ୍ଥା ଦେଖିଲେ ମନରେ କେବଳ କ୍ଷୋଭ ସୃଷ୍ଟି ହେଉନି, ତାହାର ପ୍ରତିକୂଳ ପ୍ରଭାବ ଅନ୍ୟତ୍ର ଅନୁଭୂତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଆମେରିକା ଭଳି ତଥ୍ୟ ଯାଞ୍ଚ ବ୍ୟବସ୍ଥାର ବିପୁଳ ସୁବିଧା ସୁଯୋଗ ରହିଥିବା ଗଣତାନ୍ତ୍ରିକ ରାଷ୍ଟ୍ରରେ ଯଦି ମତଦାତାଙ୍କୁ ବିଭ୍ରାନ୍ତ ଓ ପ୍ରଭାବିତ କରାଯାଇପାରିଲା, ତା'ଠାରୁ ବଳି ଚିନ୍ତାର ବିଷୟ ଆଉ କ'ଣ ହୋଇପାରେ? ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିକ୍ଷୋଭ ଓ ବିଦ୍ରୋହର ସୁଯୋଗ ଥିଲେ ମଧ୍ୟ ତାହାର ସଠିକ୍ ମୁକାବିଲା କରି ନ ପାରି ରାଷ୍ଟ୍ରପତି ୟୁନ୍ ଦେଶରେ ସାମରିକ ଶାସନ ଜାରି କଲେ। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ପାର୍ଲାମେଣ୍ଟରେ ସେ ମହାଭିଯୋଗ ପ୍ରସ୍ତାବର ସମ୍ମୁଖୀନ ହେଲେ। ପ୍ରସ୍ତାବ ବହୁମତରେ ଗୃହୀତ ହୋଇଥିଲେ ମଧ୍ୟ ସେଠାକାର ବ୍ୟବସ୍ଥା ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନ ବିନା ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବନି। ତେବେ ଗଣବିଦ୍ରୋହର ଗତି ଓ ପ୍ରକୃତି ଯାହା, ସେଥିରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସ୍ଥିତି ଶ୍ରୀଲଙ୍କା କିମ୍ବା ବାଂଲାଦେଶ ଅନୁରୂପ ଅଧିକ ବିଗିଡ଼ିଯିବା ଆଶଙ୍କା ଥିବାରୁ ୟୁନ୍‌ଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ ବାଧ କରାଯାଇଥିଲା। ସେ କିନ୍ତୁ ରାଷ୍ଟ୍ରପତି ସୁରକ୍ଷାବାହିନୀ ବଳୟରେ ରହି ପରିସ୍ଥିତିର ମୁକାବିଲା କରିବାକୁ ଚାହିଁଲେ। ପରିସ୍ଥିତି କ୍ରମେ ଅଣାୟତ୍ତ ହେଉଥିବା ଜାଣି ମଧ୍ୟ ନିଜ ବାସଭବନରେ କଠୋର ସୁରକ୍ଷା ବଳୟ ମଧ୍ୟରେ ରହିଲେ। ଶେଷରେ ଗତ ବୁଧବାର ୟୁନ୍‌ଙ୍କ ବାସଭବନରେ ପ୍ରବେଶ କରିଥିଲେ ଏକ ହଜାରରୁ ଉର୍ଦ୍ଧ୍ୱ ନିରାପତ୍ତା ବାହିନୀ ସଦସ୍ୟ। ପ୍ରାୟ ୫ ଘଣ୍ଟା ଧରି ଚାଲିଥିଲା ଏହି ଗିରଫ ଅଭିଯାନ। ଦକ୍ଷିଣ କୋରିଆ ଇତିହାସରେ ରାଷ୍ଟ୍ରପତି ପଦରେ ଥାଇ ଗିରଫ ହେବା ଏହା ଘଟଣା ପ୍ରଥମ। ସେହିପରି ଆସନ୍ତା ୨୦ ତାରିଖରେ ରିପବ୍ଲିକାନ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ସପକ୍ଷରେ ବିପୁଳ ଜନମତ ଥିବା ନିର୍ବାଚନ ଫଳରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ୟୁନ୍‌ଙ୍କ ବିରୋଧରେ ଥିବା ଅଭିଯୋଗ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇ ନ ଥିଲେ ମଧ୍ୟ ସେ ଗିରଫ ହୋଇଛନ୍ତି। ଏହି ଦୁଇଟି ଘଟଣାକୁ ତୁଳନାତ୍ମକ ବିଶ୍ଳେଷଣ କଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରୁ କ୍ରମେ ଭରସା ତୁଟିବା ସ୍ୱାଭାବିକ। ବିଶ୍ୱରେ ଏଭଳି ବହୁରାଷ୍ଟ୍ର ଅଛନ୍ତି, ଯେଉଁଠି ଏକଦଳୀୟ ଶାସନ ଚାଲିଛି। ବ୍ୟବସ୍ଥାର ବିରୋଧ କରୁଥିବା ନେତାଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରାଯାଇଛି କିମ୍ବା କେଉଁ କାଳଗୃହକୁ ନିକ୍ଷେପ କରାଯାଉଛି। ତଥାପି ନିୟମିତ ବ୍ୟବଧାନରେ ନିର୍ବାଚନ କରାଇ ନିଜକୁ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ସେମାନେ ଦାବି କରୁଛନ୍ତି। ଏଥିରେ ଗଣତନ୍ତ୍ର ଉପହସିତ ହେଉ ନାହିଁ କି? ଏକଥା ସତ ଯେ ଗଣତନ୍ତ୍ରର ଯଥୋଚିତ ବିକଳ୍ପ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ସମ୍ପ୍ରତି ଏହି ଶାସନ ତନ୍ତ୍ରରେ ଯେଉଁ ବିଲକ୍ଷଣ ଓ ବିରୋଧାଭାସ ପରିଲକ୍ଷିତ ହେଉଛି ତାହା ପଛରେ ରହିଛି ନିର୍ବାଚନକୁ କ୍ଷମତା ହାସଲର ହତିଆର ରୂପେ ବ୍ୟବହାର କରିବାର ଅଭିସନ୍ଧି। ବ୍ୟବସ୍ଥାର ସବୁ ବିଭବକୁ ଅକ୍ଷୁଣ୍ଣ ରଖିବା ଓ ଦେଶବାସୀଙ୍କ ନିକଟରେ ଉତ୍ତରଦାୟୀ ହେବା ଗଣତନ୍ତ୍ରର ପ୍ରମୁଖ ଅଙ୍ଗ। ଏହାର ବ୍ୟତିକ୍ରମର ପରିଣାମ କ'ଣ ହୋଇପାରେ ତାହା ଏବେ ଦକ୍ଷିଣ କୋରିଆ ସମେତ ବିଶ୍ୱର ଆଉ କେତେକ ଦେଶର ଶାସନ ବ୍ୟବସ୍ଥାରେ ପରିଦୃଷ୍ଟ। କ୍ଷମତା ଅଭିଲିପ୍ସାର ପରିବେଶରେ ଗଣତାନ୍ତ୍ରିକ ବିଲକ୍ଷଣର ଯେଉଁ ଭୂତାଣୁ ସୃଷ୍ଟି ହୋଇଛି, ତାହା ଯଦି ମହାମାରୀର ରୂପ ନିଏ ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ବିଶ୍ୱ ମାନବାଧିକାର ପ୍ରତି ବିପଦ ନିଶ୍ଚୟ।

# ବିକଶିତ ଓଡ଼ିଶା ଓ ଯୁବବର୍ଗଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା



### ବାଦଲ ଭୂୟାଁ

ବିକଶିତ ଓଡ଼ିଶା ଗଠନ ହେବ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଭବିଷ୍ୟତ ଯୋଜନାକୁ ସହଯୋଗ ପାଇଁ କେନ୍ଦ୍ରର ସହଯୋଗ ସହ ଦରିଆପାରି ସିଙ୍ଗାପୁରରୁ ଆସିଛି ସହଯୋଗର ହାତ। ସବୁଠାରୁ ବଡ଼ କଥା ହେଉଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ଆଉ ଦଶଦିନ ପରେ ଆରମ୍ଭ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା : ମେକଇନ ଓଡ଼ିଶା କନକ୍ଲେଭ-୨୦୨୫। ଏହି ୨୦୨୫ଟି ହିଁ ଆମ ଯୁବ ବର୍ଗଙ୍କ ପାଇଁ ସଫଳତା ଓ ସମ୍ଭାବନାର ଅପାର ବର୍ଷଟି କହିଲେ ଅତ୍ୟୁକ୍ତି ହେବନାହିଁ।

୨୦୨୫ ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବ ବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନ୍ୟାସନାଲ କ୍ରେଡିଟ ଫ୍ରେମୱାର୍କ ବିକଶିତ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିକଟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟରେ ଯୋଗ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ଭାରତ ଜି-୨୦ର ଅଧ୍ୟକ୍ଷତା କରୁଛି, ସେହି ସମୟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟ ନୂଆ ଚିନ୍ତାଧାରା ଓ ଗ୍ଲୋବାଲ ସାଉଥ ଦେଶଗୁଡ଼ିକର ବାର୍ତ୍ତାକୁ ଜି-୨୦ ମଞ୍ଚରେ ଉପସ୍ଥାପନା କରିପାରିବାର ଏକ ଭଲ ପ୍ଲାଟଫର୍ମ। ଗତ ଜି-୨୦ ସମ୍ମିଳନୀର କଥାବସ୍ତୁ ରହିଥିଲା ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ। ଯାହା ଭାରତୀୟ ବିଚାର ଓ ମୂଲ୍ୟବୋଧ ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ଜି-୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଆହରଣ, ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଜୀବନବ୍ୟାପୀ ଶିକ୍ଷା ଆହରଣ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଉଦ୍ଭାବନ ଓ ଗବେଷଣା ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ମାନବ ସମ୍ବଳ ବିକାଶ, ଦକ୍ଷତା ବୃଦ୍ଧି, ଭବିଷ୍ୟତ ପାଇଁ ଦକ୍ଷ ମାନବ ସମ୍ବଳ, ଧନ୍ଦାମୂଳକ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ପ୍ରଚଳିତ ସର୍ବୋତ୍ତମ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯିବ।

ସମ୍ପୂର୍ଣ୍ଣ ମାନବ ସାମର୍ଥ୍ୟ ହାସଲ କରିବା ହିଁ ଶିକ୍ଷାର ମୂଳ ଆଧାର। ବିଶ୍ୱର ସବୁଠାରୁ ଅଧିକ ଯୁବ ବର୍ଗ ଭାରତରେ ଅଛନ୍ତି। ୧୫ ଲକ୍ଷରୁ ଅଧିକ ବିଦ୍ୟାଳୟ, ପ୍ରାୟ ଏକ ହଜାର ବିଶ୍ୱବିଦ୍ୟାଳୟ ସହ ଭାରତରେ ବିଶ୍ୱର ବିବିଧ ଶିକ୍ଷା ବ୍ୟବସ୍ଥା ରହିଛି। ଦେଶରେ ଜାତୀୟ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରାଯାଉଛି ଯାହା ଦ୍ୱାରା ଆମ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଉଛି। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁଁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଆମ ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଓ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରୀକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରିବ, ଯାହାଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷର ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସଂସ୍କାର ଅଣାଯାଇଛି। ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଗ୍ଲୋବାଲ ସାଉଥ ଦେଶର ସହଭାଗିତାରେ ଭାରତ ଏକବିଂଶ ଶତାବ୍ଦୀରେ ନିଜ ଦେଶଗୁଡ଼ିକରେ ସାର୍ବଭୌମିକ ଶିକ୍ଷା ଓ ମାନବ ସମ୍ବଳ ବିକାଶର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସୂଚନାଯୋଗ୍ୟ ଯେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀରେ ବାର୍ବାଡୋସ, କୋଷ୍ଟା ରିକା, କମନ ୱେଲଥ ଅଫ ଦି ବାହାମାସ, କ୍ୟୁବା, ଗାମ୍ବିଆ, ହନ୍ଦୁରାସି, ଲାଓ ପିପୁଲ୍ସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ ଏବଂ ଦ ଗ୍ରନାଡାଇନ୍ସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ। ଶିକ୍ଷସ୍ତରରେ ଓଡ଼ିଶା ଆଜି ବିଶ୍ୱ ସ୍ତରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିବା ସହ ପୂର୍ବ ଭାରତର ବିକାଶରେ ଆଜି ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସଗର୍ବେ ମୁଣ୍ଡ ଟେକି ପାରିଛି। ଓଡ଼ିଶା ଶିଳ୍ପାୟନ ପାଇଁ ରହିଛି ଅପାର ସମ୍ଭାବନା। ଜାତୀୟ ଓ ଆନ୍ତର୍ଜାତିକ ନିବେଶକଙ୍କୁ ଓଡ଼ିଶା ଟାଣିବାକୁ ଭିତ୍ତିଭୂମିର ବିକାଶ ସହ ମାନବ ସମ୍ବଳକୁ ଅଧିକ ଦକ୍ଷ କରିବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଓଡ଼ିଶାର ବିଶେଷକରି ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ସହ ଜାତୀୟ ଶିକ୍ଷା ନୀତିର ବ୍ୟାପକ ପରିକଳ୍ପନାର ନୂଆ ଅୟମାରମ୍ଭ ହୋଇଛି ଏହାର ଶ୍ରେୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ଦିଆଯିବ। ଅପାର ସମ୍ଭାବନା ଓ ପର୍ଯ୍ୟାପ୍ତ ବିକାଶର ବେଗବାନ ପ୍ରଗତିରେ ଓଡ଼ିଶା ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛି। ଓଡ଼ିଶାର ଯୁବ ବର୍ଗ ଆଜି ଯଥେଷ୍ଟ ଅଗ୍ରଗତି କରିପାରିଛନ୍ତି ଓ ସ୍ୱାବଲମ୍ବୀ ମଧ ହୋଇପାରିଛନ୍ତି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସହଯୋଗର ଗୁରୁ ଦାୟିତ୍ୱ ରହିଛି।


୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୯୨୦୪୬୫୨୦୬୫


# ହିନ୍ଦୁ ଧାର୍ମିକ ପରମ୍ପରାରେ ତ୍ରିବେଣୀ ଅମାବାସ୍ୟା



### ଅଲେଖ ଚନ୍ଦ୍ର ସାମଲ

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ। ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି। ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି। କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି। ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ। ସେଥିଲାଗି ଚଳଚଞ୍ଚଳ ହୋଇଉଠେ ବିରଜାକ୍ଷେତ୍ର। ଏହା ମା'ଙ୍କର ମୁଖ୍ୟପର୍ବ ହୋଇଥିବାରୁ ପୀଠକୁ ସୁସଜ୍ଜିତ ଆଲୋକମାଳରେ ସଜାଯାଇ ଉତ୍ସବ ପାଳନ କରାଯାଏ। ଏହି ଦିନ ମା'ସାବିତ୍ରୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ସୁନା ଅଳଙ୍କାର ଓ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରାଯାଇ ବ୍ରହ୍ମାଙ୍କ ସହିତ ଗାୟତ୍ରୀ ମନ୍ତ୍ର ଦ୍ୱାରା ପୂଜା କରାଯାଏ ଯାହାକି ବ୍ରହ୍ମତନ୍ତ୍ରରେ ଉଲ୍ଲେଖ ଅଛି।

ଅନ୍ୟପକ୍ଷରେ ଏହି ଦିନଟି ମୁନି, ଋଷି ମାନଙ୍କର ଜନ୍ମଦିନ ଭାବେ ପାଳିତ ହେଉଥିବାରୁ ଏହି ଅମାବାସ୍ୟାକୁ ମଧ ମୌନ ଅମାବାସ୍ୟା କୁହାଯାଏ। ମକର ରାଶିରେ ସୂର୍ଯ୍ୟ ଓ ଚନ୍ଦ୍ର ଏହି ଦିନରେ ମିଳିତ ହୁଅନ୍ତି। ତେଣୁ ଏହି ଅମାବାସ୍ୟାର ମହତ୍ତ୍ୱ ବହୁତ ବଢ଼ିଯାଏ। ଏହି ଦିନରେ ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ପୂର୍ଣ୍ଣଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ପାଟନା ପଣ୍ଡିତ ଦୟାନନ୍ଦ ଋଷିଙ୍କ ଅନୁସାରେ ତ୍ରିବେଣୀ ଅମାବାସ୍ୟା ମୁନି, ଋଷିମାନଙ୍କର ଅମାବାସ୍ୟା ଅଟେ। ଏହିଦିନରେ ମୌନବ୍ରତ ପାଳନ କରାଯାଏ। ମୁନି ଶବ୍ଦରୁ ମୌନର ଉତ୍ପତ୍ତି ହୋଇଛି। ସେଥିପାଇଁ ଏହି ବ୍ରତରେ ଯେଉଁ ଋଷି ମୌନବ୍ରତ ଧାରଣ କରି ପୂର୍ଣ୍ଣ ଭାବରେ ପାଳନ କରନ୍ତି ତାଙ୍କୁ ଭଲ ସମ୍ମାନ ଓ ପଦବୀ ମିଳେ। ଏହି ଦିନରେ ମୌନ ରହି ଗଙ୍ଗା ଓ ଯମୁନା ନଦୀରେ ସ୍ନାନ କରନ୍ତି। ଯଦି ଏହ ଅମାବାସ୍ୟା ସୋମବାର ଦିନ ପଡୁଥାଏ ଏହାର ମହତ୍ତ୍ୱ ଆହୁରି ବଢ଼ିଯାଏ। ପବିତ୍ର ମାଘମାସରେ ପଡୁଥିବା ଏହି ଅମାବାସ୍ୟାରେ ଗଙ୍ଗାସ୍ନାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ମାଘମାସର ଅମାବାସ୍ୟା ଓ



ପୂର୍ଣ୍ଣମୀ ବହୁତ ପବିତ୍ରଦିନ। ଏହିଦିନ ପୃଥିବୀରେ ସୂର୍ଯ୍ୟ କି ଚନ୍ଦ୍ରକୁ କୌଣସି ନା କୌଣସି ସ୍ଥାନରେ ଗ୍ରହଣ ଲାଗିଥାଏ। ସେଥିପାଇଁ ଏହି ଦିନକୁ ଧର୍ମାତ୍ମାମାନେ ସ୍ନାନ ସାରି ଦାନ କର୍ମ କଲେ ପୁଣ୍ୟଫଳ ମିଳେ।

ପୁରାଣ ଅନୁସାରେ ଏହି ଦିନ ପବିତ୍ର ନଦୀ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ। ସେଥିପାଇଁ ଏହି ଦିନରେ ଗଙ୍ଗା ସ୍ନାନର ବହୁତ ମହତ୍ତ୍ୱ ଅଛି। ଭକ୍ତମାନେ ପୂର୍ବରୁ ଏକତ୍ରିତ ହୋଇ କୁଡ଼ିଆ କରି ରହିଥାନ୍ତି। ପବିତ୍ର ଅମାବାସ୍ୟାରେ ଗଙ୍ଗା-ଯମୁନା-ସରସ୍ୱତୀ ନଦୀର ସଙ୍ଗମ ସ୍ଥାନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ଶରୀର ଶୁଦ୍ଧି ହୋଇଥାଏ। ଏହି ଦିନ ମୌନ ରହିଲେ ମନର ଶୁଦ୍ଧି ଆଉ ଦାନ କଲେ ଧନ ବୃଦ୍ଧି ହୁଏ ଏବଂ ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ଶାରୀରିକ, ଭୌତିକ ଓ ଦୈବିକ ପାପ ନାଶ ହୋଇଯାଏ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ୱର୍ଗର ସବୁ ଦେବତାମାନେ ଗଙ୍ଗାରେ ବାସ କରିଥାନ୍ତି ଯାହା ଫଳରେ କି ଏଠାରେ ସ୍ନାନ କଲେ ସବୁ ପାପ ଦୂର କରିଦିଅନ୍ତି। ପୁରାଣ ଅନୁସାରେ ତ୍ରିବେଣୀ ଅମାବାସ୍ୟା ଦିନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଆମ ଜିଲ୍ଲାରେ ଏମ୍ସ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବ କେବେ ?



### ସୁବ୍ରତ କର

କିଛି ବର୍ଷ ତଳେ ବାଲେଶ୍ୱରବାସୀ ଆଶା କରିଥିଲେ ଆମ ଜିଲ୍ଲା ସ୍ୱାସ୍ଥ୍ୟ କ୍ଷେତ୍ରରେ ହବ୍ ହେବ । ମେଡିକାଲ କଲେଜ ହେବା ପରେ ପିଲାମାନେ ଡାକ୍ତର ହୋଇ ବିଭିନ୍ନ ଯାଗାରେ କାର୍ଯ୍ୟରତ ହୋଇପାରିଛନ୍ତି । ଏହି ମେଡିକାଲ କଲେଜଟି ବହୁତ କଷ୍ଟରେ ହୋଇଥିଲା । ବାଲେଶ୍ୱର ମେଡିକାଲ କଲେଜ କ୍ରୀୟାନୁଷ୍ଠାନର ସଭ୍ୟ ସଭ୍ୟାମାନଙ୍କର ଅଦ୍ୟମ ଚେଷ୍ଟା ଫଳରେ ଆଜି ମେଡିକାଲ କଲେଜ କାର୍ଯ୍ୟରତ । ଏହାକୁ ସ୍ଥାପନ କରିବାରେ କୌଣସି ରାଜନୈତିକ ସ୍ତରର ନେତାମାନେ ସାହାଯ୍ୟର ହାତ ବଢ଼େଇ ନଥିଲେ ଜଣେ, ଦୁଇଜଣ ଛଡ଼ା । ନିଶ୍ଚିତ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ବିଶେଷ ଭାବରେ ଥିଲା । ସେହି ସମୟରେ ଠିକ୍ ପ୍ରସ୍ତାବ ଆସିଥିଲା ଭୁବନେଶ୍ୱର ଏମ୍ସ ଡାକ୍ତରଖାନା ତରଫରୁ ଏକ ସେଟ୍‌ଲାଇଟ ଡାକ୍ତରଖାନାର ପ୍ରସ୍ତାବ ଆସିଥିଲା ଏବଂ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ମଧ । ପରେ ରେମୁଣାଠାରେ ଜାତୀୟ ରାଜପଥକୁ ଲାଗି ଜାଗା ଅକ୍ତିଆର ହେଲା ଏବଂ ସେହି ଜାଗା ଏମିତି ଫାଙ୍କା ପଡ଼ି ରହିଲା । ୨୦୧୮-୧୯ ମସିହାରେ ଏବଂ ଠିକ ଇଲେକ୍ସନ ପୂର୍ବରୁ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱର ଗସ୍ତ ସମୟରେ ଏହି ଏମ୍ସ କଥାକୁ ଉଠା ଯାଇଥିଲା ଏବଂ ସେ ଅନେକ ଲୋକଙ୍କ ଆଗରେ କହିଥିଲେ ଯେ ଆସନ୍ତା ୩ ମାସ ମଧ୍ୟରେ ହସପିଟାଲ ନିଶ୍ଚିତ ଭାବରେ ଶୁଭ ଦିଆଯିବ ଏବଂ ସତରେ ତାଙ୍କ କଥାକୁ ରଖି ଠିକ୍ ୩ମାସ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ.ପି ନଡ୍ଡାଙ୍କୁ ବାଲେଶ୍ୱର ଆଣି ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏବଂ ପରେ ପରେ ଦରକାର ମୁତାବକ ଘର ହେଲା ଏବଂ ବେଶ୍ କିଛି ସମୟ ପରେ ଏମ୍ସର ସେଟଲାଇଟ ଡାକ୍ତରଖାନା ଖୋଲା ହେଲା । ଏବଂ ଦୁଃଖର କଥା ସେହିଠାରେ ଏ ପର୍ଯ୍ୟନ୍ତ ୩୫୦ ବେଡ ବିଶିଷ୍ଟ ଡାକ୍ତରଖାନା ଜାଗାରେ ସପ୍ତାହରେ ୨ଦିନ ଓ.ପି.ଡି ଚାଲିଛି । ଚାରିପାଞ୍ଚଜଣ ବିଭିନ୍ନ ବିଭାଗର ଡାକ୍ତରମାନେ ଭୁବନେଶ୍ୱରରୁ ଆସି ରୋଗୀଙ୍କୁ ଦେଖୁଛନ୍ତି । ଏହି କାର୍ଯ୍ୟକ୍ରମ ପ୍ରାୟ ଗତ ୩ ରୁ ୪ ବର୍ଷ ହେବ ଚାଲିଛି । ସରକାର ବାହାଦୁର ବୋଧହୁଏ ଭୁଲି ଗଲେଣି ଏଇଠି ସବୁ ପ୍ରକାରର ସୁବିଧା ଆଉ ବଡ଼ ଡାକ୍ତରଖାନାଟି ହେବ ଏବଂ ବାଲେଶ୍ୱର ବାସୀ କହି ପାରିଥାନ୍ତେ ଆମ ମେଡିକାଲ କଲେଜ, ଆମ ଜିଲ୍ଲା ଡାକ୍ତରଖାନା ଏବଂ ତା ସହିତ ଏମ୍ସ ଜୋଡ଼ି ହୋଇଥିଲେ ବାଲେଶ୍ୱର ବାସୀଙ୍କୁ କଟକ-ଭୁବନେଶ୍ୱର ମୁହାଁ ହେବାକୁ ପଡ଼ି ନଥାଆନ୍ତା। କାହିଁକି ଏହା ଆଗେଇ ପାରୁ ନାହିଁ, କାହାକୁ ଜଣା ନାହିଁ । ମଝିରେ ଥରେ ଶ୍ରୀମତୀ ମମତା ମହାପାତ୍ର କ୍ରୀୟାନୁଷ୍ଠାନ କମିଟିର ସଭାପତି ଥିଲାବେଳେ ଆନ୍ତରିକ ଚେଷ୍ଟା କରିଥିଲେ କିନ୍ତୁ ତା ପରେ ହୁଏତ ସେପରି ଚେଷ୍ଟା କେଉଁ ସ୍ତରରେ ହୋଇନାହିଁ । ଏହାକୁ ପଥକ୍ଷମ କରିବାର ଦାୟିତ୍ୱ ନିଶ୍ଚିତ ଭାବରେ ଡବଲ ଇଂଜିନ୍ ସରକାରଙ୍କ ଉପରେ ଏବଂ ବାଲେଶ୍ୱରର ଜନ ପ୍ରତିନିଧିଙ୍କ କଷ୍ଟ ଏପର୍ଯ୍ୟନ୍ତ ଏବେକାର ମୁଖ୍ୟମନ୍ତ୍ରୀଙ୍କଠାରୁ ଆମ ଜିଲ୍ଲା କିଛି ପାଇନାହିଁ । ମୁଁ ଭାବୁଛି ଯଦି ସମସ୍ତେ ମିଳି ମିଶି ଚେଷ୍ଟା କରନ୍ତେ ହାତ ମୁଠାରେ ଥିବା ୩୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ହୋଇ ପାରନ୍ତା ଏବଂ ତା ସହିତ ନିଉରୋଲଜି, ନେପ୍ରୋଲଜି, ଅଙ୍କଲୋଜି ଏବଂ କାଡିଓଲୋଜି ଭଳି ବିଭାଗ ଖୋଲା ହୋଇ ପାରିଲେ ବାଲେଶ୍ୱରର ଥିବା ୨୫ ଲକ୍ଷ ଉପକୃତ ହୋଇ ପାରନ୍ତେ ।

## କବିତା କୋଣାର୍କ

### ଅଶେଷ ଶୋଷ

**ସୁଧାକର ରାଉତ**



ମନ ଅଗଣାରେ ଅସଂଖ୍ୟ
ଶବ୍ଦ ଫୁଲର ସମ୍ଭାର
ଭାବନା ପ୍ରସୂତ ଏ ସୁମନ
ମୋର ଅତି ଆପଣାର
ଏମାନଙ୍କ ଗତିବିଧି ଉପରେ ଥାଏ
ସଦା ମୋର ତୀକ୍ଷ୍ଣ ନଜର ।

ମନରେ ଉଇଁଆସୁଥିବା ବିଷର୍ଣ୍ଣତାର
କଳାବାଦଲ ହତାଶର
ଅବା ଟୋପା ଟୋପା ହୋଇ ଝରି
ପଡୁଥିବା ଲୁହର
ଏମାନେ ଏକାନ୍ତ ସାଥୀ ସହୋଦର ।

ଆଖି ପୁରେଇ ଦେଖିଦେଲେ ତାଙ୍କୁ
ନର୍କରେ ବି ଦେଖେ ସ୍ୱର୍ଗ
ଅତିନ୍ଦ୍ରିୟ ରାଜ୍ୟେ ଘୁରେ ମନ
ପାଇ ପରଶ ତାଙ୍କର ।

ତଥାପି ବି ମେଣ୍ଟେନାହିଁ ଶୋଷ
ନେହୁରା ହୋଇ ନିଜକୁ ପଚାରେ
ଏ ଉତ୍କଣ୍ଠାର କେବେ ହେବ ଶେଷ ?
ଏତେ ଫୁଲ ଓ ଫଗୁଣ ଥାଇବି
ଅକାରଣେ ଲାଗେ ସତେ
ହୃଦଟା ବିରାଟ ମରୁଭୂଇଁ
ଆଉ ଶବ୍ଦମାନଙ୍କ ଚରାଭୂଇଁ ।


ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨


### ଆଜିର ସମାଜ କୁହେ...!!

**ସିଦ୍ଧାର୍ଥ ପ୍ରଧାନ**



ସରଳ ରେଖାରେ ସମସ୍ତେ ଯାଆନ୍ତି
ସତେ ଲାଗେ ପିମ୍ପୁଡ଼ି ଧାଡ଼ିର ବସା,
ଏ ସମାଜେ ଆଉ ରହେ ନାହିଁ
କେହି ନ ଯାଇ ପିମ୍ପୁଡ଼ି ରେଖା ।।

ବିଶୃଙ୍ଖଳିତ ସମାଜ ସାଜିଛି ଆଜି
ମଦ୍ର ପାନୀୟ ର ପେଶା
ସଭିଏଁ ଚାଲନ୍ତି ପାନ କରିବାକୁ
ଅମୃତ ମନେଇ ଆଶା ।।

ଉପଭୋଗ କଲେ....
ସମାଜ ସଂସ୍କାର ବାଡ଼କୁ ଭାଙ୍ଗି
ଯୁବକ ଯୁବତୀ ଯନ୍ତ୍ରଣା କିଣିଲେ
ସେ ପାପରେ ହୋଇ ଭାଗି ।।

ଆଜିର ସମାଜ ଦେଖେଇ ଦେଉଛି
ବେଶ୍ୟା ଘରର ରାସ୍ତା,
କେହି ରହି ନାହିଁ ରହିବେ ନାହିଁ
ହୋଇ ପବିତ୍ର ସୀଖା ।।


ନୟାଗଡ଼, ଜୟ ଜଗନ୍ନାଥ..


### ସବୁ ପ୍ରେମିକାଠୁଁ ନିଆରା ଅଟଇ

**ଜୟନ୍ତ କୁମାର ମଲ୍ଲିକ୍**

ସବୁ ପ୍ରେମିକାଠୁଁ ନିଆରା ଅଟଇ
ମୋ ପ୍ରେମିକା ମହାରାଣୀ -
ଅପସରା ପରି ରୂପଟି ତାହାର
ଅନୁପମ ବାଣୀ ଠାଣୀ,
ହସଫୁଲ ବାସେ ସଦା ତା' ଅଧରେ
ଚାଲିରେ ତା' ପଦ୍ମ ଫୁଟେ -
ତା' ମୁଖ ଚନ୍ଦ୍ରମା ଜୋଛନା ଝଲକେ
ମନୁ ଦୁଃଖ ଅମା ତୁଟେ,
ତା' ଲମ୍ବା ବେଣୀରେ ସାଜେ ମଲ୍ଲି
ମାଳ
ଚହଟେ ମଧୁର ବାସ -
ଲୁଚି ଦେଖୁ ଦେଖୁ ତା' ଗୋରା
ମୁହଁକୁ
ମାରେ ମୁଁ ଯେ ଖଣ୍ଡିକାଶ,
କେତେବେଳେ କିଛି ମାଗେ ନାହିଁ
ମତେ
କହେ ତମେ ଏକା ଲୋଡ଼ା -
ତମ ପ୍ରେମ ପାଶେ ଅଟେ ମୂଲ୍ୟହୀନ
ଧନ ରତ୍ନ ହାତୀ ଘୋଡ଼ା,
ପାର୍ଥିବ ସୁଖକୁ ପାଦରେ ଏଡ଼ାଇ
ମତେ ସିଏ ପାଏ ଭଲ -
ତା' ବିନା ଜୀବନ ହୁଏ ରଙ୍ଗହୀନ
ମନ ହୁଏ କଲବଲ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# କେବଳ ଏତିକି

ପ୍ରଣତି ଆଚାର୍ଯ୍ୟ ମିଶ୍ର



କ୍ଲାସ ସାରି ବାହାରକୁ ଆସିବା ପରେ ପ୍ରବଳ ବର୍ଷା ଯିବାକୁ ଦେଲାନି । ଖୁସି ଓ ଆବେଗ ସହ କିଛି ଛାତ୍ରଙ୍କୁ ବର୍ଷାରେ ଭିଜି ଘରକୁ ଯାଉଥିବା ଦେଖିଲି, ଅତୀତର କିଛି ସ୍ମୃତି ଆଖି ସାମ୍ନାକୁ ଆସିଲା । ବର୍ଷାରେ ଭିଜିବାକୁ କାହାକୁ ବା ଭଲ ନଲାଗେ ! ସ୍କୁଲ ଓ କଲେଜରୁ ଫେରିବା ବାଟରେ ଅନେକ ସମୟରେ ବର୍ଷାରେ ଭିଜିଯାଉଥିଲି । ଏବେ ସେ ସବୁ ଚିନ୍ତା କଲେ, ମନେହୁଏ ମା'ଙ୍କର ଅତିରିକ୍ତ ସ୍ନେହ ଓ ଯତ୍ନ ପାଇଁ ବୋଧହୁଏ ପିଲାମାନେ ଓଦା ହେବାକୁ ଭଲପାନ୍ତି ।

ସେହି ଯତ୍ନ ଆଗରେ ଭିଜିବା ପାଇଁ ମାଆଙ୍କ ଗାଳି ଦେବା ଅଲଗା କଥା। ଅତୀତ ଏକ ଚଳଚ୍ଚିତ୍ର ପରି ଆଖି ଆଗରେ ସ୍ୱତଃସ୍ଫୁର୍ତ ଭାବରେ ଝଲସି ଉଠିଲା। ଛତା ଧରି ସ୍କୁଲ ବସ ପାଖରେ ମା ଠିଆ ହୋଇଥାଏ ... ମୋ ହାତ ଓ ବ୍ୟାଗ୍ ଧରି ଧୀରେ ଧୀରେ ମୋତେ ବସ୍‌ରୁ ତଳକୁ ଓହ୍ଲାଇଦେଲା... ମୋତେ ଭିଜିଯାଉଥିବା ଦେଖି ବିରକ୍ତ ହୁଏ... ମୋତେ ଛତା ତଳେ ଯାକି ଧରେ ଧିରେ ଚାଲେ... ଯଦିଓ ଏହି ପ୍ରୟାସରେ ସେ ନିଜେ ଅଧାରୁ ଅଧିକ ଭିଜି ଯାଇଥାଏ। ଏକ ଶୁଖିଲା ଗାମୁଛା ଆଣି ମୁଣ୍ଡ ଠାରୁ ଗୋଡ ପର୍ଯ୍ୟନ୍ତ ପୋଛାପୋଛି କରେ.........। ତା'ପରେ ଗରମ ସୋରିଷ ତେଲରେ ଟିକେ ରସୁଣ ଛେଚି ପାଦକୁ ମାଲିସ୍ କରିଦିଏ। ଗରମ କ୍ଷୀର ଧରି ତାଗିଦ୍ କରି କହେ.. ଶିଘ୍ର ପିଇ ଦେ କହୁଛି .... ।

'ମିଶ୍ର ମାଡାମ, ଆପଣ ଘରକୁ ଯିବେ ନାହିଁ କି ?' ବର୍ଷା ଛାଡି ଗଲାଣି, ପ୍ରିନ୍ସିପାଲ ସାର୍‌ଙ୍କ ସ୍ୱର ଶୁଭିଲା.... ମନ ପୁରୁଣା ସ୍ମୃତି ଫରୁଆ ବନ୍ଦ କରି ସେହି କ୍ଲାସ ବାରଣ୍ଡାକୁ ଫେରିଆସିଲା।

'ହଁ...ବୋଲି କହି ଗୋଟିଏ ହାତରେ ପର୍ସ ଓ ଅନ୍ୟ ହାତରେ ଶାଢୀ ଧରି ରାସ୍ତାକୁ ଓହ୍ଲାଇଲି ଅଟୋ ଅଟକାଇ ବସିବା ବେଳେ ଟିକିଏ ଭିଜି ଯାଇଥିଲି। ଓଦା ଶାଢୀରେ ଥଣ୍ଡା ପବନର ହାଲ୍କା ବର୍ଷା ଛିଟା ଦେହରେ ବାଜିବାକୁ ଦୁଇଟି ଛିଙ୍କ ଆସିଲା। ଘରେ ପହଞ୍ଚିବା ବେଳକୁ ଛିଙ୍କିବା ବନ୍ଦ ହୋଇଗଲେ ଭଲ, ନଚେତ୍ ଏକ ଘଣ୍ଟା ପର୍ଯ୍ୟନ୍ତ ଭାଷଣ ଶୁଣିବାକୁ ପଡ଼ିବ। ପ୍ରିତି ତୁମକୁ 'ଓଦା ହେବାରୁ ଦୂରେଇ ରହିବା ଉଚିତ୍! ଯଦି ପିହୁକୁ ତୁମ ଥଣ୍ଡା ଡେଇଁ ବ ତେବେ କ'ଣ ହେବ ?' ୮ ବର୍ଷର ପିହୁ ୪୦ ବର୍ଷ ବୟସ ପରେ ମଧ୍ୟ ପ୍ରଦିପ୍ତଙ୍କ ପାଇଁ ସବୁବେଳେ ଏକ ଛୋଟ ଝିଅ ହୋଇ ରହିବ ହେଲେ ମୁଁ ବିବାହର ପ୍ରଥମ ଦିନରୁ ଜଣେ ଅଭିଜ୍ଞ ବୋହୂ, ଗୃହିଣୀ, ମାଆ, ପତ୍ନୀ ହୋଇଯାଇଛି । ନାରୀର ମଧ୍ୟ ସମସ୍ତଙ୍କ ପରି ମନ ଥାଏ, କିନ୍ତୁ ଏକଥା ସମସ୍ତେ ଭୁଲି ଯାଆନ୍ତି । ବିରକ୍ତ ହୋଇ ନିଜ ସହ କଥା ବାର୍ତ୍ତା କରି ମୁଁ ଶାଢୀ ବଦଳାଇବା ପାଇଁ ଶୋଇବା ଘରେ ପ୍ରବେଶ କଲି। ପ୍ରଦିପ୍ତ ଆସିବା ବେଳକୁ ଓଦା ଶାଢୀ ଓ ବ୍ଲାଉଜ ଶୁଖାଉଥିଲି। ପ୍ରଦିପ୍ତ କହିଲେ, ରୋଷେୟାଙ୍କୁ ଡାଲମା, ରୁଟି କରିବାକୁ କହିଦେଇଛି । ପିହୁର ପେଟ ଖରାପ ଲାଗୁଛି । ଗଭୀର ନିଃଶ୍ୱାସ ନେଇ ମୁଁ ମୁଣ୍ଡ ଟେକି ଶୋଇବାକୁ ଚେଷ୍ଟା କଲି ।

ଗତ ଦୁଇ ଦିନ ବହୁତ ବ୍ୟସ୍ତଥିଲା। କଲେଜରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଜଣେ ଆବାହକ ହିସାବରେ ମୋ ଉପରେ ଅନେକ ଦାୟିତ୍ୱର ବୋଝ ରହିଥିଲା। କିନ୍ତୁ ପ୍ରଦିପ୍ତଙ୍କ ବ୍ୟସ୍ତତା କାରଣରୁ ପିହୁକୁ ସ୍କୁଲ ଛାଡିବାର ଅତିରିକ୍ତ ଦାୟିତ୍ୱ ମଧ୍ୟ ମୋ ଉପରେ ।



ସ୍ତ୍ରୀ ଜୀବନ ଏମିତି, ଯିଏ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରଖେ ଏବଂ ଦାୟିତ୍ୱହୋଇ ସକାଳୁ ଉଠାଇଦିଏ।

ତୃତୀୟ ଦିନ ବେଳକୁ ସମସ୍ତ ଅତିରିକ୍ତ ଦାୟିତ୍ୱ ସରିଗଲା, କିନ୍ତୁ ମୋତେ ଭାଇରାଲ ଜ୍ୱର। ଦୁର୍ବଳତା କାରଣରୁ ସକାଳେ ବାର୍ଥରୁମ ଯିବା ବେଳେ ପାଦ ଖସିଗଲା।

ଚେତା ଫେରିବା ବେଳକୁ ନିଜକୁ ହସ୍ପିଟାଲ ବେଡରେ ପାଇଲି । ନିକଟରେ ପିହୁର ସୁଖିଲା ମୁହଁ। ଯେତେବେଳେ ଡାକ୍ତର ମୋତେ ପରୀକ୍ଷା କରିବା ଆରମ୍ଭ କଲେ, ମୁଁ ଅନିଚ୍ଛାକୃତ ଭାବରେ ମୋ ନିଜ ଭିତରେ ମୋ ମା'ଙ୍କ ଚେହେରା ଦେଖିଲି।

'ସବୁ ଠିକ ଅଛି । ଦୁର୍ବଳତା କାରଣରୁ ତାଙ୍କ ମୁଣ୍ଡ ବୁଲାଇଦେଲା। କିଛି ସମୟ ପରେ ଆପଣ ଘରକୁ ନେଇପାରିବେ। ଡାକ୍ତର ବାହାରକୁ ଯିବା ମାତ୍ରେ ପ୍ରଦିପ୍ତ ମୋତେ ନିଜ ବାହୁବନ୍ଧନରେ ଜୋରରେ ଯାବୁଡି ଧରିଲେ। ପ୍ରିତି ତୁମେ ଆମକୁ ଡରାଇ ଦେଲ। ତୁମ ମୁଣ୍ଡ କାନ୍ଥରେ ମାଡ ହୋଇଗଲା, ତେଣୁ ତୁମେ ଅଚେତ ହୋଇଯାଇଥିଲ । ଭିତରୁ ଆଘାତ ଆଶଙ୍କାରେ ମୁଁ ଡରି ଯାଇଥିଲି ଏବଂ ସଙ୍ଗେ ସଙ୍ଗେ ତୁମକୁ ଡାକ୍ତରଖାନା ଆଣିଲି । ଇଶ୍ୱରଙ୍କ କୃପାରୁ ତୁମେ ଠିକ୍ ଅଛ', ଆନନ୍ଦର ଆବେଗରେ ତାଙ୍କ ସ୍ୱର ଥରି ଉଠିଲା। ପିହୁ ଆଖିରୁ ଲୁହ ଟପ୍ ଟପ୍ ଝରୁଥିଲା ।

ସେ ଏବେ ବି ମୋ ଛାତିରେ ଜାକି ହୋଇଥିଲା। ଡାକ୍ତରଖାନାରୁ ଘରକୁ ଫେରିବା ପରେ ଏକ ନୂଆ ପରିବାର ସହ ମୋର ପରିଚୟ ହୋଇଥିଲା। ଡାକ୍ତର କିଛି ଦିନ ବିଶ୍ରାମ ନେବାକୁ କହିଥିଲେ, କିନ୍ତୁ ପ୍ରଦିପ୍ତ ମୋ ପାଇଁ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ନିଷ୍ପତ୍ତି ଶୁଣାଇଲେ। ପିହୁ ହଠାତ୍ ତା ବୟସ ଠାରୁ ଅଧିକ ପରିପକ୍ୱ ଏବଂ ଦାୟିତ୍ୱବାନ ହୋଇଗଲା । ସେ ଘର କାମରେ ସାହାଯ୍ୟ କରିବା ଆରମ୍ଭ କରିଥିଲା। ପ୍ରଦିପ୍ତ ଅଫିସରୁ ଏକ ସପ୍ତାହ ଛୁଟି ନେଇଥିଲେ। ସେମାନେ ମୋତେ ପିଲା ଭଳି ସୁରକ୍ଷା ଦେଉଥିଲେ। ଓଦା କପଡା କରି ପୋଛିବା, ଟିକେ ପରେ

କିଛି ନା କିଛି ଖାଇବାକୁ ଦେବା, ହାତ ଧରି ବାଲକୋନିକୁ ନେବା, ଚନ୍ଦ୍ରାଲୋକିତ ରାତିରେ ଏକାଠି ବସି ମୋ ପସନ୍ଦର ବ୍ୟଞ୍ଜନ ଖାଇବା... .... ଉପନ୍ୟାସରେ ବୋଧହୁଏ ଏଭଳି ସମୟକୁ ସୁନାର ଦିନ ଓ ରୂପାର ରାତି ବୋଲି କୁହାଯାଇଥାଏ । ମୁଁ ଚାହୁଁଥିଲି ଏହି ସମୟ କେବେ ଶେଷ ନହେଉ। ପ୍ରଦିପ୍ତଙ୍କ ଯତ୍ନ ମୋର ସବୁ ଅଧୁରା ଇଚ୍ଛା ପୂରଣ କରିଦେଲା । ମୁଁ ବିଶ୍ୱାସ କରିବାକୁ ବାଧ ହେଲି ଯେ ମୋ ଜୀବନରେ ଆଉ ଜଣେ ମା' ଅଛନ୍ତି । ପିହୁର ସମର୍ପଣ ଏବଂ ନିଃସର୍ତ୍ତ ପ୍ରେମ ଏକ ସ୍ପଷ୍ଟ ସଙ୍କେତ ଥିଲା ଯେ ଭବିଷ୍ୟତରେ ସେ ଆଉ ଜଣେ ମା' ହେବାକୁ ଯାଉଛି । କିନ୍ତୁ ଏକ ଭୟ ମଧ୍ୟ ଥିଲା, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ?

ସେଦିନ ଚେକ୍ ଅପ୍ କରି ଫେରୁଥିବା ବେଳେ ପ୍ରଦିପ୍ତ ବହୁତ ଖୁସି ଥିଲେ। ସେ ଆଇସ୍‌କ୍ରିମ୍ ପାଲର ନିକଟରେ କାର୍ ଅଟକାଇଥିଲେ। 'ତୁମେ ବଟର ସ୍କଚ ପସନ୍ଦ କର, ନୁହେଁ କି ?' ମୁଁ ଆଣୁଛି।

'ମୁଁ ଏବେ ବି ଔଷଧ ଖାଉଛି,' ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଯିଏ ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ସଚେତନ, ସାଧାରଣ ସମୟରେ ମଧ୍ୟ କୌଣସି ବାହାର ଜିନିଷ ଖାଇବାକୁ ଦିଅନ୍ତି ନାହିଁ, କିନ୍ତୁ ଆଜି ତାଙ୍କ ପ୍ରେମ, ଶ୍ରଦ୍ଧା ଓ ରୋମାନ୍ସ ସବୁ କିଛି ମୋତେ ଅପ୍ୟାୟିତ କରୁଥିଲା।

'ତୁମେ ଜାଣ, ପ୍ରିତି ଏହି ୭ ଦିନ ମଧ୍ୟରେ ମୁଁ ଏକ ନୂଆ ପ୍ରିତି ଆବିଷ୍କାର କରିଛି। ସେ ଏକ ଛୋଟ ଝିଅ । ଯିଏ ଗାଳି ଦେବାରେ, ବିରକ୍ତିରେ, ଜିଦ୍‌ରେ ଅସୀମ ଆନନ୍ଦ ପାଇଥାଏ । ଯେତେବେଳେ ତାଙ୍କର କୌଣସି ଜିଦ୍, କୌଣସି ଇଚ୍ଛା ପୂରଣ ହୁଏ, ସେତେବେଳେ ସେ ପିଲା ପରି ଖୁସିହୋଇଯାଏ । ତାଙ୍କୁ ଜଣେ ମା' ଭଳି ସମ୍ଭାଳିବାରେ ମୋତେ ବହୁତ ମଜା ଆସିଥିଲା । ତୁମେ ଏହି ନିରୀହତା, କେଉଁଠାରେ ଲୁଚାଇ ରଖିଥିଲ !' ପ୍ରଦିପ୍ତ ମୋ ମୁହଁକୁ ଦୁଇ ହାତରେ ଧରିଲେ । 'ମୁଁ ଚାହୁଁଛି ତୁମ ଭିତରେ ଥିବା ଏହି ଶିଶୁ କେବେ ବି ଅଦୃଶ୍ୟ ନ ହେଉ ।କିନ୍ତୁ ତୁମେ ଅଚେତ ଥିଲା ବେଳେ ତୁମ ମା'ଙ୍କୁ ତୁମ ଅଜାଣତରେ ଖୋଜିବା ମୋତେ ଗଭୀର କରିଦେଇଥିଲା। ମୁଁ ତୁମ ମା'ଙ୍କ ସ୍ଥାନ ନେଇପାରିବି ନାହିଁ, କିନ୍ତୁ ମୁଁ ତୁମକୁ କେବେ ଏକୁଟିଆ ଅନୁଭବ କରିବାକୁ ଦେବିନି । ପ୍ରଦିପ୍ତଙ୍କ ଏଇ କଥାକୁହା ଚେହେରାକୁ ମୋ ପ୍ରେମ ପାଗଳୀ ନୟନ ଚାହିଁ ରହିଥିଲା। ଚନ୍ଦ୍ରାଲୋକ ଆକାଶରେ ତାରା ମେଳେ ଜହ୍ନ ହସୁଥିଲା କଣେଇଁ କଣେଇଁ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଅଶ୍ରୁତ ଶ୍ରୁତ



ସୁଦର୍ଶନ ମହାପାତ୍ର

ନୂଆପଡା ଆଡୁ ଗଲେ ନୂଆବଜର ଛକର ବାମ ପାର୍ଶ୍ୱରେ ସଦାନନ୍ଦର ତେଜରାତି ଦୋକାନ। ମୋର ବହୁତ ଦିନର ଚିହ୍ନା ସେ। ସେଦିନ ମୋର ମାସିକିଆ ସଉଦାର ଲିଷ୍ଟଟିକୁ ଦୋକାନରେ କାମ କରୁଥିବା ଲୋକଟିକୁ ଧରେଇ ଦେଲା ଏବଂ ଜିନିଷ ସବୁ ବାହାର କରିବାକୁ ସଦାନନ୍ଦ ନିର୍ଦ୍ଦେଶ ଦେଇ ମୋତେ କହିଲା- 'ଡିଏଭି ସ୍କୁଲରେ ନବମରେ ପଢୁଥିବା ପିଲାଟିଏ ଆତ୍ମହତ୍ୟା କରିଥିବା କଥା ଜାଣିଛନ୍ତି ?' ମୋର ଅନ୍ୟମନସ୍କତା ଭାଙ୍ଗିଲା ସଦାନନ୍ଦର ଏଇ କେତୋଟି ଶବ୍ଦ ତ ମୁଁ ତା' ଆଡକୁ ଚାହିଁଲି। ମୋର ଆଶ୍ଚର୍ଯ୍ୟ ଚକିତ ଚାହାଣୀରୁ ବୋଧହୁଏ ସେ ବୁଝିଗଲା ମୋର ସେ ବିଷୟରେ ଅଜ୍ଞତା କଥା। ସେ ପଢୁଥିବା ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶିତ ଘଟଣାକୁ ମୋତେ ଦେଖାଇ କହିଲା 'ଏଥିରେ ଖାଲି ଆତ୍ମହତ୍ୟା ବିଷୟରେ ଲେଖାଯାଇଛି ହେଲେ ପ୍ରକୃତ ଘଟଣା ଖୁବ୍ ଦୁଃଖଦାୟକ।'

ଯେହେତୁ ମୋ ପୁଅ ବି ସେଇ ସ୍କୁଲରେ ପଢୁଥିଲା, ମୋର ସେଇ ବିଷୟରେ ଜାଣିବାର ଉତ୍ସୁକତା ବଢିବା ସ୍ୱଭାବିକ। ଏବେ ସଦାନନ୍ଦର ପୁଅ ସେଇ ସ୍କୁଲରେ ପଢୁଥିବାରୁ ଆମର ସେଇ ବିଷୟରେ କଥା ଆଗେଇଲା।

ସବୁବେଳେ ଯେ ପିଲାମାନେ ଭୁଲ୍ କରନ୍ତି, ପାଠପଢାରେ ଅବହେଳା କରନ୍ତି, ଦୁଷ୍ଟାମି କରନ୍ତି ସେମିତି ଧାରଣାରେ କିଛି ବାପାମାଆ ରହି ନିଜର ଭୁଲ୍‌କୁ କେବେ ସ୍ୱୀକାର କରନ୍ତି ନାହିଁ ଏ ଘଟଣାରୁ ବୁଝିହୁଏ।

ଆତ୍ମହତ୍ୟା କରିଥିବା ସେଇ ପିଲାଟି ପରୀକ୍ଷାରେ ବିଶେଷ ଭାବରେ ଭଲ ନମ୍ବର ରଖିପାରୁନଥିଲା, ଯଦିଓ ତା'ର ବାପା ପୁଅର ପାଠପଢ଼ା ପାଇଁ ଯଥେଷ୍ଟ ପଇସା ଖର୍ଚ୍ଚ କରୁଥିଲେ। ପ୍ରତିଟି ବିଷୟରେ ଟିୟୁସନ ଦେଇଥିଲେ ଏବଂ ପୋଷାକ ପତ୍ର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମଧ୍ୟ ଯଥାରୀତି କରୁଥିଲେ। ପ୍ରତି ବଦଳରେ ପୁଅର ଖରାପ ନମ୍ବରର ରିପୋର୍ଟ କାର୍ଡ ଘରେ ଅଶାନ୍ତି ବାତାବରଣ ସୃଷ୍ଟି କରୁଥିଲା। ଅତଏବ ପୁଅ ଉପରେ ଖୁବ୍ ଗାଳି ମାଡ ହେଉଥିଲା।

ପିଲାଟି ଉପରେ ହେଉଥିବା ଗାଳି ମାଡର ପରିଣାମ ବିଷୟରେ ତା'ର କେତୋଟି ସାଙ୍ଗ ଜାଣିଥିଲେ। ପିଲାଟି ଯଦିଓ ଅନ୍ତର୍ମୁଖୀ ଥିଲା ? ହେଲେ ତା'ର ହାତ, ମୁହଁରେ ଫୁଟି ଦିଶୁଥିବା ଦାଗ ସମସ୍ତଙ୍କ ନଜରରେ ପଡି ଯାଉଥିଲା। ତଥାପି ଏସବୁ ବିଷୟ ସେମାନଙ୍କ ଭିତରେ ହିଁ ଏପର୍ଯ୍ୟନ୍ତ ଚାପି ହୋଇଥିଲା।

ଦୁଇ ଦିନ ଆଗରୁ ପିଲାଟିର ବାପା ମାଆଙ୍କ ଆଗରେ ଗୋଟିଏ ସଙ୍ଗୀନ ଅଭିଯୋଗ କଲେ ତା'ର ଜଣେ ଟ୍ୟୁସନ ସାର। ସବୁଥର ପରି ଏଥର ଅଭିଯୋଗ ପାଠପଢ଼ା ସମ୍ପର୍କିତ ନଥିଲା ହେଲେ ଟିୟୁସନ ଆସୁଥିବା ଗୋଟିଏ ଝିଅ ସହିତ ପିଲାଟି ଅସଦାଚରଣ କରିଥିଲା ବୋଲି ଜାଣିଲେ ତା'ର ବାପା। ଏଇ କଥାରେ ଚଣ୍ଡାଶୋକ ରୂପ ଧାରଣ କରିଥିଲେ ସେ ଆଉ ଲୁହ ରଡରେ ପୁଅକୁ ପିଟିଥିଲେ।' ଏ କଥା ମିଛ...', 'ମୋ ନାଁରେ ସାର୍ ମିଛ କହୁଛନ୍ତି...' ସଫେଇକୁ ଗ୍ରହଣ କରିନଥିଲେ ବାପା....।

ମୁଁ ଶୁଣୁଥିବା କଥାରେ ହଠାତ୍ ଭଙ୍ଗା ପଡିଲା ସଦାନନ୍ଦର ନୀରବତାରେ। ପଛରୁ ଶୁଭିଲା ଜଣେ ଭଦ୍ରବ୍ୟକ୍ତିଙ୍କ ସ୍ୱର।

-' ସଦା, ଏ ଟୋକା କେତେ ଟଙ୍କା ବାକି ଖାଇଛି ତୋ ପାଖରୁ ?'

ମୁଁ ପଛକୁ ଫେରି ଚାହିଁଲି। ଅନୁମାନ କଲି ପୁଅର ହାତ ଧରି ହିଁ ଭଦ୍ରବ୍ୟକ୍ତି ଜଣକ ଠିଆ ହୋଇଛନ୍ତି।

-'ମୁଁ କହିଲି ପା.., ଡେରୀ ମିଲ୍କ ଆଉ ବ୍ରିଟାନିଆ କେକ ମିଶି ଅଶୀ ଟଙ୍କା ବାକି...।' କହିଲା ପୁଅ।

-'ହଉ ନେ,ଏ ବଦମାସ୍ ଟୋକାକୁ ଆଉ କିଛି ଦେବୁନି ବାକି। ଆଗ କଥା ଅଲଗା ଥିଲା।'

ଭଦ୍ରବ୍ୟକ୍ତି କଥା କହିଲା ଭିତରେ ଶହେ ଟଙ୍କାର ନୋଟଟିଏ ସଦାନନ୍ଦ ହାତକୁ ବଢାଇ ବାକି କୋଡ଼ିଏ ଟଙ୍କା ଫେରସ୍ତ ନେଇ ସାରିଥିଲେ। ପୁଅ ପଛେ ପଛେ ଭଦ୍ରବ୍ୟକ୍ତି ସେ ଜାଗା ଛାଡିଲେ। ଏତିକି ବେଳକୁ ସଦାନନ୍ଦ ମୋ ଆଡକୁ ଚାହିଁ ମୁରୁକି ହସିଲା। ସେ କିଛି କହିବାକୁ ଚାହୁଁଛି ବୋଲି ମୋର ମନେ ହେଲା ତା ହସରୁ।

-'କଥା କ'ଣ ?' ପଚାରିଲି।



-'ଏଇ ଯେଉଁ ଲୋକ ଆସିଥିଲେ, ତାଙ୍କ ଘର ଏଇ ପାଖରେ। ମୋର ବହୁତ ଦିନର ଚିହ୍ନା। ତାଙ୍କର ସିମେଣ୍ଟ ତିଆରି ନଳ, ସ୍କାଇ ଲାଇଟ୍ ଆଦିର ବ୍ୟବସାୟ ଥିଲା। ଏବେ ବନ୍ଦ। କାହିଁକି ଜାଣିଛନ୍ତି... ?'

ସଦାନନ୍ଦ ପ୍ରଶ୍ନର ଉତ୍ତର ମୁଁ ତାରି ମୁହଁରୁ ଶୁଣିବାକୁ ଚାହିଁ ରହିଲି।

-'ଏ ଲୋକ ମଦ ପିଇ ପିଇ ନିଜକୁ ନିଜେ ବରବାଦ୍ କରୁଛି। ଏବେ ବି ଦିନେ ମଦ ନହେଲେ ଅଚଳ। ଅଥଚ ପୁଅ ଚକୋଲେଟ କିମ୍ବା କେକ ଖାଇବା ବେଳକୁ ତା'ର ପଇସା ସରି ଯାଉଛି।' କହିଲା ସଦାନନ୍ଦ।

-'ବଡ଼ ଖରାପ କଥା।' ସଂକ୍ଷିପ୍ତ ଶବ୍ଦରେ ଉତ୍ତର ଫେରେଇଲି।

-'ଆଜ୍ଞା, ସେଇ ଯେଉଁ ପିଲାଟି ସୁଇସାଇଡ କରିଛି, ତା ବାପା ବି ସେଇ ମଦ ନିଶାରେ ପୁଅକୁ ବାଡାଏ। ସେଦିନ ବି ପିଟିଥିଲା ମଦ ନିଶାରେ। ମାରୁ ମାରୁ ମରିଗଲା ବୋଧହୁଏ ପୁଅଟା। ତାକୁ ନେଇ ଫ୍ୟାନରେ ଝୁଲେଇ ଦେଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ସବୁ ଜଣାପଡିବ ଯେ...। ଏବେ ତୁଛାକୁ କାନ୍ଦୁଚି..।'

ଏସବୁ କଥା ଶୁଣି ଏକରକମ ଭଗ୍ନ ମନ ନେଇ ଘରକୁ ଫେରିଲି। ଭାବୁଥିଲି ବାପା ଅତ୍ୟାଚାରରେ ଅତିଷ୍ଠ ହୋଇଥିଲା ପିଲାଟି, ଅଥଚ ଏସବୁ କଥା ମାଆ କେମିତି ସହୁଥିଲା ? ପିଲାଟି ସାମ୍ନାରେ କ'ଣ ଆଉ କିଛି ବିକଳ୍ପ ନଥିଲା ? ଏବେ ବକଟେ ପିଲା। କେତେ ଭାବିଚିନ୍ତି ଏମିତିକା ଏକ ନିଷ୍ପତ୍ତି ନେଇଥିବ। ଭାବିଥିବ, ତା ଆବେଗକୁ କେହି ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି। ଏମିତିକା ଏକ ହାହୁତାଶମୟ ଜୀବନକୁ ଅଧିକା ଲାଳନପାଳନ କ'ଣ ଦରକାର... ?

ଦୁଇ ଦିନ ପରେ ପୁଣି ଦେଖାହେଲା ସଦାନନ୍ଦ ସହ ତା'ରି ଦୋକାନରେ।

-'ଆଜ୍ଞା ଜାଣିଛନ୍ତି ସେଇ ଯେଉଁ ଆତ୍ମହତ୍ୟା କରିଥିବା ପିଲାଟି କଥା ? ଟିୟୁସନ ସାର ସେଇ ଛାତ୍ରୀ ଜଣକ ସହିତ ଖରାପ ସମ୍ବନ୍ଧରେ ଥିବା ଅବସ୍ଥାରେ ପିଲାଟି ଦେଖି ଦେଇଥିଲା। ସେଇ ବିଷୟରେ ଜଣେ ଦୁଇ ଜଣ ବନ୍ଧୁଙ୍କ ଆଗରେ ସେ କହି ବି ଦେଇଥିଲା। ତେଣୁ ଟିୟୁସନ ସାର୍ ସେଇ ଛାତ୍ରୀଟିର ସହଯୋଗ ନେଇ ଆଗତୁରା ପିଲାଟିକୁ ବଦନାମ କରିଦେଲେ। ବିଚରା ପିଲାଟି ଦୁନିଆରୁ ଚାଲିଗଲା ଯାହା..।'

ସେଦିନ ଖବରକାଗଜରେ ବାହାରି ଥିବା 'ମଦ ନିଶାର କୁତ୍ସିତ ପରିଣାମ' ଶୀର୍ଷକ ଉପରେ ନଜର ପଡିଲା ମୋର। ମହାନଦୀ ବିହାରର ଜନୈକ ବ୍ୟକ୍ତି ମଦ ପିଇବାକୁ ପଇସା ମାଗି ନିରାଶ ହେବାରୁ ପୁଅ ବୋହୂଙ୍କୁ କିରୋସିନ ଢାଳି ମାରି ଦେଇଛନ୍ତି।

ସଦାନନ୍ଦକୁ ଏ ଖବରଟି ଦେଖାଇଲା ବେଳକୁ ଏସବୁ ଘଟଣା ନେଇ କାହାଣୀର ରୂପ ଦେବାକୁ ତା'ର ଅନୁରୋଧକୁ ଯଥାସାଧ୍ୟ ପୂରଣ କରିବି ବୋଲି ପ୍ରତିଶ୍ରୁତି ଦେଇ ଘରକୁ ଫେରିଲି।

+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

## କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ପୁରସ୍କୃତ

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜାମୁବଣିଆ ଗ୍ରାମର ଅବସରପ୍ରାପ୍ତ ସେନାକର୍ମଚାରୀ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳଙ୍କୁ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିସଲିଃ ପକ୍ଷରୁ ପୁରସ୍କୃତ କରାଯାଇଛି । ୧୯୬୨ ମସିହା ଭାରତ-ଚୀନ ଯୁଦ୍ଧ, ୧୯୬୫ରେ ପାକିସ୍ଥାନ ଓ ୧୯୭୧ ବାଂଲାଦେଶ ଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ କରିବା ସହ ଆହତ ସୈନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରିବା । ଏବଂ ଗୁରୁତର ସୈନ୍ୟ ମାନଙ୍କୁ ବିମାନ ଯୋଗେ ବିଭିନ୍ନ ମେଡିକାଲକୁ ପଠାଇଥିଲେ । ନିଜ ଜୀବନକୁ ବାଜି ଲଗାଇ ସୈନିକ ମାନଙ୍କ ଜୀବନ ବଂଚାଇ ଥିବାରୁ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳଙ୍କୁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ଡ଼କ୍ଟର ସଂଜୀବ ମହାପାତ୍ର, ଜିଏମ ଭରଦ୍ୱାଜ ମିଶ୍ର, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ବିଶ୍ୱାଳଙ୍କୁ ଏଭଳି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ମିଳିଥିବାରୁ ଧର୍ମଶାଳା ଅଂଚଳରେ ଶ୍ରୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଯାଇଛି ।

## ପଥରପଦା ବିଦ୍ୟାଳୟର ଶ୍ରେଣୀ ସଂଖ୍ୟା ବୃଦ୍ଧିକୁ ନେଇ କୃତଜ୍ଞତା

କୋରେଇ, ୧୯/୧ (ନି.ପ୍ର): ଯାଜପୁର ଜିଲ୍ଲା କୋରେଇ ବ୍ଲକର ପଥରପଦା ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବୃଦ୍ଧି କରିଛନ୍ତି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଏ ନେଇ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ ଚିଠି ନମ୍ବର ୫୨୧ରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ପଥରପଦା ପ୍ରାଥମିକ ବିଦ୍ୟାଳୟରେ ପଥରପଦା, କାଜିପାଟଣା, ନୁଆଗାଁ, କଂଟିଗଡ଼ିଆ ଆଦି ଗ୍ରାମର ପିଲାମାନେ ଶିକ୍ଷା ଲାଭ କରିବାକୁ ଆସୁଥିବା ବେଳେ ୭ମ ଶ୍ରେଣୀ ପରେ ତିନି କି.ମି. ଦୂର ପାଣିକୋଇଲି ହାଇସ୍କୁଲକୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଉଥିଲେ । ତେବେ ୧୬ ନମ୍ବର ଜାତୀୟ ରାଜପଥରେ ଛାତ୍ରଛାତ୍ରୀ ମାନେ ଯିବା ଆସିବା କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖା ଦେଇଥିଲା । ଏହାକୁ ଦୃଷ୍ଟିରେ ରଖି ପଥରପଦା ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବୃଦ୍ଧି କରିବା ଲାଗି ନବ ନିର୍ବାଚିତ ବିଧାୟକ ଆକାଶ ଦାସ ନାୟକଙ୍କ ନିକଟରେ ଗ୍ରାମବାସୀ ମାନେ ଦାବି କରିଥିଲେ । ବିଧାୟକଙ୍କ ହସ୍ତକ୍ଷେପ ପରେ ଏହା ସମ୍ଭବ ହୋଇଥିବାରୁ ଆଜି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସଭାର ଆୟୋଜନ କରାଯାଇ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ମନ୍ତ୍ରୀ, ବିଧାୟକ, ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ମଧୁସୁଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବୀଣାପାଣି ମଲ୍ଲିକ, ନିରଦ ପ୍ରସାଦ ଦେଓ, ରାକେଶ କୁମାର ସାହୁ, ମଦନମୋହନ ବେହେରା, ସନ୍ତୋଷ କୁମାର ବେହେରା, ରାଜକିଶୋର ଦାସ ଓ ରମେଶ ଚନ୍ଦ୍ର ବାରିକ ସମେତ ପରିଚାଳନା କମିଟିର ସଦସ୍ୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଚାଲାଣ ମାମଲା : ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଜୟପୁର, ୧୯/୧ (ନି.ପ୍ର): ଗଞ୍ଜେଇ ଚାଲାଣ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତକୁ ପ୍ରମାଣ ଅଭାବରୁ ଆଜି ଜିଲ୍ଲା ଜଜ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଗତ ୨୦୨୦ ମସିହା ମଇ ମାସ ୨୦ ତାରିଖରେ ବେ ?ପାରିଗୁଡା ପୁଲିସ ବାତ୍ରିପୁଟ ଛକ ନିକଟରେ ଗାଡି ଯାଂଚ୍ କରୁଥିବା ସମୟରେ ଟାଟା କେଣ୍ଟର ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । ଗାଡିରେ ୩ ଜଣ ଥିବାବେଳେ ଗାଡିରୁ ୩୭ଟି ପ୍ୟାକେଟ ଗଞ୍ଜେଇ ବାହାରିଥିଲା । ଗଞ୍ଜେଇର ଓଜନ ୯୦୩ ଗ୍ରାମ ଥିଲା । ୩ ଜଣ ରବିନ୍ଦ୍ର ଖିଲ, ସବ୍ୟସାଚୀ ପ୍ରଧାନୀ ଓ ହରଚଲାଣ ସିସ୍ଥ କୁ ବେ ?ପାରିଗୁଡା ପୁଲିସ ଗିରଫ କରିଥିଲା । ପରବର୍ତି ସମୟରେ ରବିନ୍ଦ୍ର ଖିଲ ଓ ସବ୍ୟସାଚି ପ୍ରଧାନୀ ବେଲରେ ବାହାରି ଫେରାର ହୋଇଯାଇଥିଲେ । କିନ୍ତୁ, ହରଚଲାଣ ସିସ୍ଥ ଙ୍କ ଆଜି ଜିଲ୍ଲା କୋର୍ଟରେ ବିଚାର ହୋଇଥିଲା । ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଆଜି ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତ ଅଭିଯୁକ୍ତ ହରଚଲାଣକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ନାନାଜୀ ଆଚାରୀ ମୋକଦ୍ଦମା ପରିଚାଳନା କରିଥିଲେ ।

## ପଟ୍ଟଚିତ୍ର କର୍ମଶାଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର, ୧୯/୧ (ନି.ପ୍ର): ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ସାମଦ୍ରି ମହାରଣା କଳା ଭବନ ଜୟପୁର ଠାରେ ପଟ୍ଟ ଚିତ୍ର କର୍ମଶାଳା ଓ ପ୍ରଦର୍ଶନୀ ଉଦଘାଟିତ ହୋଇଛି । ଉକ୍ତ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଜିଲା ସଂସ୍କୃତି ଅଧିକାରି ପ୍ରତି ସୁଧା ଜେନା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରି ଦାସ ଯୋଗ ଦେଇଥିଲେ । କଳା ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଟିର ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ହୋଇଛି । ଉକ୍ତ ପ୍ରଦର୍ଶନିରେ ଛାତ୍ର ଛାତ୍ରୀ ମାନେ ଜଗନ୍ନାଥଙ୍କ ଦଶ ଅବତାର ବେଶ ଉପରେ ପଟ୍ଟ ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ମୋଟ ୨୦ଟି ପଟ୍ଟ ଚିତ୍ର ପ୍ରଦର୍ଶିତ ହୋଇଛି ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାନ ପତ୍ର ପ୍ରଦାନ କରାଯାଇଛି । ଉକ୍ତ କର୍ମଶାଳା ୩ ଦିନ ଧରି ଚାଲିଥିଲା । କଳା ବିଦ୍ୟାଳୟର କର୍ମଚାରି କ୍ରିଷ୍ଟା ପାଙ୍ଗି, ଅଚ୍ଚନା ଦାସ, କେ ସୁନିଲ କୁମାର, ସୁରେନ୍ଦ୍ର ବାଘ ସହଯୋଗ କରିଥିଲେ । ଆଲୁମିନି ଛାତ୍ର ମଧ୍ୟରୁ ଉମା କାନ୍ତ ମହାରଣା, ପଦ୍ମ ଚରଣ ଚୈଧୁରି, ଅସିତ ରଥ, ଲୋକ ନାଥ ବେହେରା, ଦିପକ ଦାସ, କେଶବ ଖରା, କ୍ଷେତ୍ର ମୋହନ ସେଠି ଉପସ୍ଥିତ ଥିଲେ ।

## ମିଳିତ ନାଗରିକ କମିଟି ପକ୍ଷରୁ କନ୍ଧମାଳ ଗସ୍ତରେ ଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଓ ପଂଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ, ୧୯/୧ (ନି.ପ୍ର): ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଯୁବ ବ୍ୟାପାର ଓ ଓଡ଼ିଆ ଭାଷା ସାହାତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର କନ୍ଧମାଳ ଗସ୍ତରେ ଆସି ସର୍କିଟ ହାଉସ ଠାରେ ପହଂଚି ୧୭ତାରିଖରେ ଦଳୀୟ କର୍ମୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଫୁଲବାଣୀ ଷ୍ଟାଡିୟମ ଓ ଜିଲା କ୍ରିଡ଼ା ବିଭାଗ ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ପିଜି ପାଇଁ ସ୍ୱତନ୍ତ୍ର ବିଲଡିଂ, କଲେଜରେ ଅଡିଟୋରିଅମ, ଖେଳପଡ଼ିଆ ସହସ୍ଥାୟୀ ଅଧକ୍ଷ ନିଯୁକ୍ତି କରିବା ନିମନ୍ତେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଏଜେଓ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆର ପଟ୍ଟା ପ୍ରଦାନ, ବିଭିନ୍ନ ବ୍ଲକରେ ଯୁକ୍ତ ତିନି ବିଜ୍ଞାନ ବିଭାଗ ଖୋଲି ଅଧାପକ ନିଯୁକ୍ତି କରିବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡ଼ା ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଜିଲାରେ ୧୦୦୦ ସିଟି ବିଶିଷ୍ଟ ଏକ ଆଧୁନିକ ଅଡିଟୋରିଅମ ନିର୍ମାଣ, ବନ୍ଦ ଥିବା ପାଠାଗାର ଖୋଲିବା, ଜିଲାରେ ଏକ ଆଇନ ମହାବିଦ୍ୟାଳୟ ଖୋଲିବା, ମହିଳା ଫୁଟବଲ ଛାତ୍ରୀନିବାସ ପାଇଁ ଅନୁମତି ପ୍ରଦାନ, ଫୁଲବାଣୀ ଷ୍ଟାଡିୟମକୁ ରାଜ୍ୟସ୍ତରୀୟ ଖେଳ ପାଇଁ ପୁନଃ ନିର୍ମାଣ, ସୁଇମିଙ୍ଗ ପୁଲ ସହ ବାଲିଗୁଡ଼ା ଜି. ଉଦୟଗିରି ଷ୍ଟାଡିୟମର ଉନ୍ନତି କରଣ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବନ୍ଦ ଥିବା ପାଠାଗାର ଖୋଲିବା, ଥାନା ସାମନା ପାର୍କରେ ଜିଲାର ସ୍ୱାଧିନତା ସଂଗ୍ରାମୀଙ୍କ ପ୍ରତିମୂର୍ତି ସ୍ଥାପନ କରିବା, ମାଆ ନାରାୟଣଙ୍କ ଯାତ୍ରାକୁ ରାଜ୍ୟ ସଂସ୍କୃତି ବିଭାଗ କ୍ୟାଲେଣ୍ଡରରେ ସ୍ଥାନିତ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ମନ୍ତ୍ରୀ ରବି ନାୟକ ସର୍କିଟ ହାଉସରେ ପହଂଚିବା ପରେ ନାଗରିକ କମିଟି ପକ୍ଷରୁ ବାଲିଗୁଡ଼ା ସିନ୍ଧ୍ରିଗାଁ, କଲାଡ଼ି ବଲସକୁମ୍ପା ଚକାପାଦ ରାସ୍ତା, ପାଣିସାଲ ବଘିଆପଡ଼ା ରାସ୍ତା ନିର୍ମାଣ, ପଂଚାୟତିରାଜ ବିଭାଗର ଖାଲିପଡ଼ିଥିବା ପଦବୀ ପୂରଣ, ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମିଳିତ ନାଗରିକ କମିଟି ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ର ଜିଲା ଉନ୍ନୟନ କାର୍ଯ୍ୟ ପାଇଁ ରୋଡ ମ୍ୟାପ ବୋଲି ମନ୍ତ୍ରୀ କହିବା ସହ ଏ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ କହିଥିଲେ । କମିଟିର ସଦସ୍ୟଙ୍କ ମଧ୍ୟରେ ପ୍ରମୋଦ ସାହୁ, ରାଜକିଶୋର ପାଢ଼ୀ, ମଧୁସୂଦନ ସାହୁ, ଅମୀୟ ଦାସ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଯୋଗ ଦେଇଥିଲେ ।

## କୁମ୍ଭମେଳା ପାଇଁ ସରକାରୀ ବସ୍ ଚଳାଚଳ ପାଇଁ ଦାବି

ଜୟପୁର, ୧୯/୧ (ନି.ପ୍ର): ଜୟପୁରର (ସମାଜସେବୀ) କୃଷ୍ଣ କେଶବ ଷଡଙ୍ଗୀ ଉତରପ୍ରଦେଶରେ ଆୟୋଜିତ ହେଉଥିବା କୁମ୍ଭମେଳା ତୀର୍ଥ କ୍ଷେତ୍ର ପର୍ଯ୍ୟନ୍ତ ଜୟପୁର, କୋରାପୁଟ ଜିଲ୍ଲାରୁ ଏକ ସରକାରୀ ଯାତ୍ରୀବାହୀ ବସ ଚଳାଚଳ କରାଇବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖି ଅନୁରୋଧ କରିଛନ୍ତି । କୋରାପୁଟ ଜିଲ୍ଲାର କୋଣ ଅନୁକୋଣରୁ ବହୁ ଯାତ୍ରୀ ମହାକୁମ୍ଭ ଉପଲକ୍ଷେ ପ୍ରୟାଗରାଜ ଯାତ୍ରା କରିବାର ଅଭିଳାଷ ନେଇ ଚାହିଁ ବସିଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ, କୋରାପୁଟ ଜିଲ୍ଲାରେ ସେଭଳି କୌଣସି ଯାତାୟାତର ସୁବିଧା ନଥିବାରୁ ସରକାରୀ ସ୍ତରରୁ ଉଦ୍ୟମ କରାଯାଇ ଲୋକଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ବସ ମହାକୁମ୍ଭ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସାପ୍ତାହିକ ଗୋଟିଏ କିମ୍ବା ଦୁଇଟି ବସ ଚଳାଚଳ କରାଇବା ପାଇଁ ଦାବି କରିଛନ୍ତି । ଏହାଦ୍ୱାରା ଜୟପୁର ଓ ଏହାର ଆଖପାଖ ଅଞ୍ଚଳର ଅନେକ ଯାତ୍ରୀ ସୁଗମ ମୂଲ୍ୟରେ ତୀର୍ଥ ଯାତ୍ରା କରିବା ସହିତ ପବିତ୍ର ଗଙ୍ଗା ନଦୀର ସଙ୍ଗମ ତଟରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିବାର ଏକ ସୁବର୍ଣ୍ଣ ସୁଯୋଗ ପାଇପାରିବେ ।

## ଝୋଟି ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ, ୧୯/୧ (ନି.ପ୍ର): ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ମହିଳା ମାନଙ୍କ ମଧ୍ୟରେ ଏକ ଝୋଟି ପ୍ରତିଯୋଗିତା ଆଜି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । ମହିଳା ମାନଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ପରିପ୍ରକାଶ ପାଇଁ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ପ୍ରତିଯୋଗିତାରେ ୪୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଜଲି ସାହିର ଲିପି ବେହେରା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମାଟିଆପଡାର ରେବତୀ ବେହେରା ଦ୍ୱିତୀୟ,ବାସେଳୀ ସାହିର ଛବିରାଣୀ ମିଶ୍ର ଓ ତ୍ରିନାଥ ନଗରର ରୋମ୍ୟା ଅନ୍ୟଶା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ, ପ୍ରୋଜେକ୍ଟ ଅଧିକାରୀ ତଥା ପ୍ରୋଟେକ୍ସନ ଅଧିକାରୀ ସୁହାଗୀ ହେମ୍ବ୍ରମ,ପୁରୀ ସଦର ସିଡିପିଓ ଗୀତାଞ୍ଜଳି ନାୟକ ,ପୁରୀ ମୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ପ୍ରଥମ ଆଥେଲେଟିକ ମିଟ୍

ଜୟପୁର, ୧୯/୧ (ନି.ପ୍ର): ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ପ୍ରଥମ ଆଥେଲିଟିକ ମିଟ ଉଦଘାଟିତ ହୋଇଯାଇଛି । ସକାଳୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଭଗବତୀ ମନ୍ଦିରରୁ ମଶାଲ ଧରି କଲେଜ ପଡିଆ ଠାରେ ପହଁଚିଥିଲେ । ସେଠାରେ ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ମଶାଲ ଗ୍ରହଣ କରି ଖେଳ ଆରମ୍ଭ କରିବାର ଘୋଷଣା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟର ରଞ୍ଜନ ପ୍ରଧାନ, ଡ. ପ୍ରଶାନ୍ତ କୁମାର ପାତ୍ର, ସଚିନ କୁମାର ନାୟକ, ରୁସଭ କୁମାର ସାହୁ, ସେଣ୍ଟୋସିନି ମୁଣ୍ଡା ଓ ପିଇଟି ଶିକ୍ଷକ ଭାଗବତ ପ୍ରସାଦ ସିସ୍ଥ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦୌଡ, ସଟଫୁଟ୍ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ, ଡିସକସ ଥ୍ରୋ ଖେଳ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଏହାର ଉଦଯାପନୀ ରହିଥିବା ପିଇଟି ଶିକ୍ଷକ ଶ୍ରୀ ସିସ୍ଥ ସୂଚନା ଦେଇଛନ୍ତି ।

## ମାଟି ଇଟା ମାଫିଆଙ୍କ ଉପରେ ଅଙ୍କୁଶ ଲାଗିବ କେବେ ?

ଘଟଗାଁ, ୧୯/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅଂଚଳରେ ଦୀର୍ଘ ବର୍ଷ ହେବ ମାଟି ଇଟା ମାଫିଆଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି । ଦିନରାତି ବାହାର ଅଂଚଳକୁ ଠିକାଦାରଙ୍କ ଜରିଆରେ ମାଟି ଇଟା ତିଆରି କରି ଲକ୍ଷାଧିକ ଟଙ୍କାର ଇଟା ତିଆରି କରି ଖୋଲା ମେଳାରେ ବିକ୍ରି ହେଉଛି । ଘଟଗାଁ ଓ ପଣ୍ଡାପଡା ଆଖପାଖ ଅଂଚଳ ଗଦାଧରପୁର, ହଳଧରପୁର, ସୁନାଟାଙ୍ଗିରି, ଗୋଇଟାଙ୍ଗିରି ଆଦିବାସୀ ଲୋକମାନଙ୍କୁ ଲୋଭ ଦେଖାଇ ଜେସିବି ମାଧମରେ ମାଟି ତାଡି ଟ୍ରାକ୍ଟର ସାହାଯ୍ୟରେ ନେଇ ଲକ୍ଷାଧିକ ଟଙ୍କାର ମାଟି ଇଟା ବିହାରୀ ବେପାରୀଙ୍କ ଦ୍ୱାରା ତିଆରି ଚାଲିଛି । ବହୁ ଇଟାଭାଟିରେ ଇଟା ଗଢା ଚାଲିଥିବା ବେଳେ ଅନ୍ୟ ଭାଟିଗୁଡିକ ପୋଡା ଚାଲିଛି । ଏହି ଇଟାକୁ ଟ୍ରକ, ଡମ୍ଫର ଏବଂ ଟ୍ରାକ୍ଟର ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି । ବେଆଇନ କାରବାରକୁ ବନ୍ଦ କରିବା ପାଇଁ ଆରଆଇ, ତହସିଲ, ଥାନା, ରେଞ୍ଜ ଫରେଷ୍ଟ ଏହି ସବୁ ଦାୟିତ୍ୱ ଦେଇଛନ୍ତି ସରକାର ।ସୂଚନା ଥାଉକି, ସରକାରଙ୍କର ଷ୍ଟିଲ ଏବଂ ଖଣି ବିଭାଗ ଚିଠି ନମ୍ବର ୧୦୪୮୧ ତାରିଖ : ୪.୧୨.୨୪ ରେ ଜିଲ୍ଲା ସ୍ତରରେ ଉପ - ଜିଲ୍ଲାପାଳ, ଏସଡିପିଓ, ରେଞ୍ଜ ଅଫିସର , ତହସିଲଦାର, ଥାନା ଆଇଆଇସି, ମାଇନିଂ ଅଫିସର କିମ୍ବା ଜୁନିଅର ମାଇନିଂ ଅଫିସରଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲେ ମଧ ସମସ୍ତ କର୍ମଚାରୀ ଇଟା ଭାଟି ମାଫିଆଙ୍କ କବଜାରେ ଥିବା ଭଳି ଯାହା ଅନୁମାନ କରାଯାଉଛି । ଇଟା ବ୍ୟବସାୟ ଅଧିକ ଲାଭ ଦାୟକ ହୋଇଥିବାରୁ ଦିନକୁ ଦିନ ବେପାରୀ ସଂଖ୍ୟା ମଧ ବଢିବାରେ ଲାଗୁଛି । ଖୋଲାମେଲାରେ ବେଆଇନ ଭାବେ ବାୟୁ ପ୍ରଦୂଷଣ ହେଉଥିବା ଯୋଗୁଁ ସାଧାରଣରେ ଅଭିଯୋଗ ହେଉଛି । ଏହି ଇଟାଭାଟି ପୋଡିବା ଫଳରେ ବାୟୁ ମଣ୍ଡଳ ଦୂଷିତ ହେବା ଦ୍ୱାରା ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗୁଛି । ଫଳରେ ଏହି ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଜିଲ୍ଲାର ଉପରସ୍ଥ ଅଧିକାରୀ ଓ ନୂତନ ରାଜ୍ୟ ସରକାର ବିହିତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## ବୈପାରୀଗୁଡା ପୋଲିସ ପକ୍ଷରୁ ଅପରେସନ ଗ୍ରିନ୍ କ୍ଲିନ୍

ଜୟପୁର, ୧୯/୧ (ନି.ପ୍ର): ବୈପାରୀଗୁଡା ପୋଲିସ ପକ୍ଷରୁ ଅପରେସନ ଗ୍ରିନ୍ କ୍ଲିନ୍ ଅନୁଷ୍ଠିତ । ନଷ୍ଟ କରାଗଲା ୩ କୋଟି ଟଙ୍କାର ଗଞ୍ଜେଇ ଚାଷ । ବୈପାରିଗୁଡା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଦଶମନ୍ତପୁର ପଂଚାୟତର ଗାଡିଆଯୋଡ଼ି ଅଂଚଳରେ ଚଢ଼ଉ କରାଯାଇଛି । ବେଆଇନ ଭାବେ ୩୮ ଏକର ଜମିରେ ଲାଗିଥିବା ୪୯ ହଜାର ୩ ଶହ ୩୦ଟି ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରାଯାଇଛି । ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୩ କୋଟି ହେବ ବୋଲି ପୁଲିସ ସୂଚନା ଦେଇଛି । ବୈପାରୀଗୁଡା ଅଂଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ କରାଯାଉଥିବା ବେଳେ ପୋଲିସ ପକ୍ଷରୁ ପୂର୍ବରୁ ଶହ ଶହ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ପୁଣି ଆଜି ଦଶମନ୍ତପୁର ପଂଚାୟତର ଗାଡ଼ିଆଯୋଡ଼ି ଅଂଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ବେଆଇନ ଭାବେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ କରାଯାଉଥିବା ନେଇ କୌଣସି ସୂତ୍ରରୁ ପୁଲିସ ବିଭାଗ ଖବର ପାଇଥିଲା । ଆଜି ସକାଳେ ବୈପାରିଗୁଡା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ମୋତି ସିଂ ନାୟକଙ୍କ ସହ ପୋଲିସ ଟିମ, ଡିଭିଏଫ ଟିମ୍ ଚଢ଼ଉ କରିଥିଲେ । ବ୍ଲକର ଅଧିକାଂଶ ଅଂଚଳ ଦୁର୍ଗମ ତଥା ମାଓପ୍ରବଣ ହୋଇଥିବାରୁ ଗଞ୍ଜେଇ ଚାଷ କରାଯାଉଛି ।

## ମୂଳାପାଳ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଚ୍ଛତା ଅଭିଯାନ

କୋରେଇ, ୧୯/୧ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚଳିତ ବର୍ଷ ଏହାର ୨୫ ବର୍ଷ ପୂର୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରିବ । ଏହି ଉପଲକ୍ଷେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟ ପରିସର, ଲିଙ୍ଗେଶ୍ୱର ବିହାର ପରିସରକୁ ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ଛାତ୍ର/ଛାତ୍ରୀ ପରିଚାଳନା କିମଟି, ଲିଙ୍ଗେଶ୍ୱର ଉନ୍ନୟନ କମିଟି ଓ ଗୁରୁଜୀ ଗୁରୁମା ମାନେ ଭାଗ ନେଇଥିଲେ ।

ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିଠୀଙ୍କ ତତ୍ୱାବଧାନରେ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ମାନସ ଧଳ, ଲିଙ୍ଗେଶ୍ୱର ଉନ୍ନୟନ କିମଯିର ସଭାପତି ବିଷ୍ଣୁ ଚରଣ ଧଳ. ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ଉପସଭାପତି ବାସୁଦେବ ପରିଡା, କୋଷାଧକ୍ଷ ମଦନ ମୋହନ ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧକ୍ଷ କୈଳାସ ଚନ୍ଦ୍ର ସାହୁ, ମାଳଆନନ୍ଦପୁର ପୂର୍ବତନ ସରପଂଚ ରାଜକିଶୋର ସ୍ୱାଇଁ, ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ, ଭାସ୍କର ଗୁରୁଜୀ, ନକୁଳ ଗୁରୁଜୀ , ସାଗରିକର ଗୁରୁମା ଯୋଗଦେଇଥିବା ବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୯/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଠାରେ ୭୬ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯିବ । ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ୭ଟା ସମୟରେ ସହରର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ୮. ୩୦ ମିନିଟ ସମୟରେ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତୋଳନ କରାଯିବ । ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ସହ ୪୩ ଗୋଟି ଦଳ ଅଂଶଗ୍ରହଣ କରିବେ । ପ୍ୟାରେଡ଼ ପଡିଆରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ବିଭିନ୍ନ ବିଭାଗ ନିଜ ବିଭାଗର ସଫଳତା ଓ ଜନ କଲ୍ୟାଣ ଯୋଜନା ଶୀର୍ଷକ ଉପରେ ସମ୍ବଳିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସମ୍ମିଳିତ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ । ବିଭିନ୍ନ ବିଭାଗର କର୍ମଚାରୀ ତଥା ସଂସ୍ଥାମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯିବ । ସେମାନଂକୁ ସମ୍ପୃକ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମନୋନୀତ କରିବେ । ଦିବସ ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ କୁଷ୍ଠାଶ୍ରମ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଜିଲ୍ଲା ଶିଶୁ ଗୃହ, ଜିଲ୍ଲା କାରାଗାର ଓ ଭିନ୍ନକ୍ଷମ ବିଦ୍ୟାଳୟ ପାଣିସୀଆଳି ପରିଦର୍ଶନ ସହ ଅନ୍ତେବାସୀଙ୍କୁ ମିଷ୍ଟାନ ବଂଟନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଉକ୍ତ ଦିନ ସନ୍ଧ୍ୟା ୦୬ ଘଂଟା ସମୟରେ ନୂତନ ଟାଉନ ହଲଠାରେ ଆୟୋଜିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ମଧ ସମାରୋହ ଅନୁଷ୍ଠିତ ହେବ । ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ,ଜାତୀୟତା ବୋଧକ ସଙ୍ଗୀତ ଆବୃତି, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅଧକ୍ଷ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ କରାଯିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଛି । ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପଧାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ, ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ,ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ଅଧକ୍ଷ/ଅଧକ୍ଷା, ବିଭିନ୍ନ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ ।

## କୋରାପୁଟ ଜିଲ୍ଲାକୁ ଆନ୍ତଃ ପ୍ରବାସୀ ପକ୍ଷୀଙ୍କ ଆଗମନ ଆରମ୍ଭ: ବନ ବିଭାଗ ତରଫରୁ ଗଣନା ଆରମ୍ଭ

ଜୟପୁର, ୧୯/୧ (ନି.ପ୍ର): କୋରାପୁଟ ଜିଲାରେ ଶୀତର ପ୍ରକୋପ ଜାରୀ ରହିଥିବା ବେଳେ ଆନ୍ତଃ ପ୍ରବାସୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ଜିଲାର ବିଭିନ୍ନ ଜଳାଶୟ ରେ ବିଦେଶି ପକ୍ଷୀ ମାନଙ୍କୁ ଦେଖିବାକୁ ମିଳୁଛି । କୋରାପୁଟ ବନଖଣ୍ଡରେ ୬ଟି ରେଞ୍ଜର କୋଲାବ ଡ୍ୟାମ , କେଚେଲା, ଚମ୍ପାଗୁଡା, ରାଣିଗଡ, ଡଙ୍ଗରି ମାଳିଗୁଡା, ବାଗ୍ରା, ଦାମାନେଯାଡିକ ଆଶପଣ୍ଡ ଠାରୁ ଆରମ୍ଭ କରି ଜୟପୁର ବନଖଣ୍ଡ ୬ ଟି ରେଞ୍ଜ ଅନ୍ତର୍ଗତ କୋଟପାଡ ରେଞ୍ଜର ଦମୟନ୍ତୀ ସାଗର, ଜୟପୁର ରେଞ୍ଜର ଜଗନ୍ନାଥ ସାଗର, ବୋରିଗୁମ୍ମା ରେଞ୍ଜର ମୁରାନଡ୍ୟାମ ତଥା ଇନ୍ଦ୍ରାବତୀ ରିଜର୍ଭ, ବୈପାରୀଗୁଡା ରେଞ୍ଜର ରାମଗିରୀ ଜଳାଶୟ ଓ କୁନ୍ଦୁରା ରେଞ୍ଜର ବାଗଦେରି ଜଳାଶୟରେ ବିଦେଶି ପକ୍ଷୀ ଆସିଥିବା ଦେଖାଯାଉଛି । ଜୟବନଖଣ୍ଡ ଅଧିନରେ ଥିବା ବୋରିଗୁମ୍ମା, ବୈପାରିଗୁଡା, ଜୟପୁର, କୋଟପାଡ , ଗୁପ୍ତେଶ୍ୱର , କୁନ୍ଦୁରା ବନାଚଂଳରେ ପକ୍ଷୀ ଗଣନା କରାଯାଇଛି । ଜୟପୁର ବନାଚଂଳ ତରଫରୁ ମଧ ପକ୍ଷୀ ଗଣନା କରାଯାଇଛି । ପକ୍ଷୀ ଗଣନା ସମୟରେ ଜୟପୁର ଡିଏଫଓ ପ୍ରତାପ ବେହେରା, ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ଶଶାଙ୍କ ମହାରଣା, ସୁନିଲ ମହାନ୍ତି, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରାଣି ବିଜ୍ଞାନର ପ୍ରେଫସର ଏବଂ ଛାତ୍ର ଛାତ୍ରୀ ମାନେ ସିମଲ ହୋଇଥିଲେ । ଜୟପୁର ଯୋଲ ବ୍ରିଜ, ପାତ୍ରପୁଟର କୋଲାବ ନଦୀ, ଜଗନ୍ନାଥ ସାଗରରେ ବନ କର୍ମଚାରି ମୁତୟନ ହୋଇ ପକ୍ଷୀ ଗଣନା କରିଥିଲେ । ଜୟପୁର ବନାଚଂଳ ୨ ହଜାର ୧ ଶହ ୮୨ ପକ୍ଷୀ ଗଣତି କରାଯାଇଛି । ଗତ ବର୍ଷ ୫ଶହ୨୬ ପକ୍ଷୀ ଗଣତି କରାଯାଇଥିଲା । ଜଳାଶୟ ମାନଙ୍କରେ ଲିଟିଲ କର୍ଡମୋରାଂଟ, ଇଣ୍ଡିଆନ ପଣ୍ଡ ହିରନ, ଲିଟିଲ ଏଗରେଟ, ଏସିଆନ ଅପନ ବିଲ୍, ହ୍ୱାଇଟ୍ ବ୍ରେଷ୍ଟେଡ ୱାଟେର ହେନ, କମନକୁଟ ଫୁଲିକା ଆଟ୍ରା, ଗ୍ରେ ପ୍ଲୋଭୋର, ଲେଜର ହ୍ୱିଇସିଲେଙ୍ଗ୍ ଡକ, ଇଣ୍ଡିଆନ ରିଭର ଟ୍ରେଣ୍ଡ, ଲିଟିଲ୍ ଟ୍ରେନ୍ ଏସ୍ ଅଲବି ଫ୍ରୋନସ୍, ଗ୍ରେ ହେଡେଡ ଲାଫିଙ୍ଗ, ପ୍ରାପେଲ ହେରନ ଅରିଡା ପୁରପୁରିଆ, ଇଂଟର ମିଡିଏଟ୍ ଇଗିରେଟ, ଗ୍ରେଟ କରମଂଟେ , ବ୍ଲାକ ସଲଡର କାଇଟ , କମନ କିଙ୍ଗ ଫିସର , ମୁରହେନ ଗାଲିନୁଲା କ୍ଲରିପ୍ଲସ , ବ୍ରୋଞ୍ଜ ଉଇଙ୍ଗିଡ ଜେକନା ମେଟ ପିଡିୟସ ଇଣ୍ଡିକସ , ହ୍ୱାଇଟ ବିଲିଡ ହିରନ ,ୟୁରସିଆନ(ହ୍ୱାଇଟ) ସ୍ପୁନ୍ ବିଲ ପାଲାଟାଲିଅ । ଲିଉକୋରଡିଆ , ପକ୍ଷୀ ମାନେ ଆସିଥିବା ଲକ୍ଷ୍ୟ କରାଯାଇଛି । ଏହି ପକ୍ଷୀ ଗୁଡାକ ବାହାର ଦେଶ ରୁ ଆସିଥିବା ଜଣାଯାଇଛି । ଗତ କିଛି ବର୍ଷ ହେବ ଏହି ପକ୍ଷୀ ମାନଙ୍କ କୋରାପୁଟ ଜିଲା ଜୟପୁର ବନ ଖଣ୍ଡ କୁ ଆଗମନ ବୃଦ୍ଧି ପାଇଛି । ସାଧାରଣତଃ ଶୀତ ଦିନରେ ସଂପୃକ୍ତ ଅଂଚଳରେ ଅତ୍ୟଧିକ ଥଣ୍ଡା ସାଙ୍ଗକୁ ଖାଦ୍ୟର ଅଭାବ ଏହି ପକ୍ଷୀ ମାନଙ୍କୁ ପ୍ରବାସୀ ହେବାକୁ ବାଧ କରିଥାଏ । ଅନ୍ୟ ପଟେ ଏହି ପକ୍ଷୀ ମାନଙ୍କ ଉପରେ ଏ ଅଂଚଳର କିଛି ପକ୍ଷୀ ଶୀକାରୀଙ୍କ ଲୋଲୁପ ଦୃଷ୍ଟି ମଧ ପଡିଛି । ତେଣୁ ଆଗାମୀ ଦିନ ମାନଙ୍କରେ ଏହି ପକ୍ଷୀ ମାନଙ୍କ ଆଗମନ ସଂଖ୍ୟାରେ ବୃଦ୍ଧି ଘଟିବ ସେ ନେଇ ସୁରକ୍ଷା ନିମନ୍ତେ ମଧ ଦୃଷ୍ଟି ଦିଆଯିବା ଜରୁରୀ ଅଟେ । ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ଅଡକୁ ଏହି ପକ୍ଷୀ ମାନେ ନିଜ ନିଜ ଅଞ୍ଚଳ କୁ ଫେରିବାକୁ ଆରମ୍ଭ କରିଥାନ୍ତି ।

# ସି.ଆଇ.ଟି.ୟୁ, କୃଷକ ସଭା ଏବଂ କ୍ଷେତମଜ ଦୁରୟୁନିଅନ୍‌ର ସଂଘର୍ଷ ଦିବସ



ଜଳେଶ୍ୱର , ୧୯/୧ (ନି.ପ୍ର): ସି.ଆଇ.ଟି.ୟୁ, କୃଷକସଭା ଏବଂ କ୍ଷେତମଜଦର ୟୁନିଅନର ସଂଘର୍ଷ ଦିବସ ଉପଲକ୍ଷେ ଏକ ସଭା ଆଜି ଅପରାହ୍ନ ୪ଘଟିକା ସମୟରେ ଜଳେଶ୍ୱର ଷ୍ଟେସନଛକଠାରେ ଅନୁଷ୍ଠିତ ହୋଇ ଅଛି । ୧୯୮୨ ମସିହା ଆଜିର ଦିନରେଏହି ତିନି ସଂଗଠନର ମିଳିତ ପ୍ରୟାସରେ ଐତିହାସିକ ଭାରତବନ୍ଦର ଡ଼ାକରା ଅଭୁତପୂର୍ବ ଭାବରେ ସଫଳ ହୋଇଥିଲା ।ଯେଉଁଥିରେ ବିଭିନ୍ନ ରାଜ୍ୟରେ ୧୩ଜଣ ସାଥୀ ପୋଲିସ ଗୁଳିରେ ସହିଦ ହୋଇଥିଲେ। ୧୯୮୨-୨୦୨୫ ୪୩ ବର୍ଷ ପରେ ମଧ ଶ୍ରମିକ, କୃଷଜମାନଙ୍କର ସମସ୍ୟା ସଂଙ୍କଟରୁ ଅଧିକ ସଂଙ୍କଟ ସ୍ଥିତିରେ ପହଞ୍ଚିଛି। ବିଶେଷକରି ୨୦୧୪ ମସିହାରୁ କେନ୍ଦ୍ରରେ କର୍ପୋରେଟ୍ ସପକ୍ଷବାଦୀ ଓ ସାଂପ୍ରଦାୟିକଶକ୍ତି କ୍ଷମତା ଦଖଲକଲା ପରେ ଶ୍ରମିକ, କୃଷକ ଓ କ୍ଷେତମଜଦୁରମାନେ ବଞ୍ଚିବା ପାଇଁ ଅହରହ ସଂଘର୍ଷ କରୁଅଛନ୍ତି। ଏହି ସଂଘର୍ଷକୁ ଆହୁରି ବ୍ୟାପକଦୁର୍ବାର କରି ଏହି ଜନବିରୋଧୀ ସରକାର ବିରୋଦ୍ଧରେ ବ୍ୟାପକ ଆନ୍ଦୋଳନ ଗଡ଼ିତୋଳିବା ପାଇଁ ସି.ଆଇ.ଟିୟୁ, କୃଷକ ସଭା,ଓ କ୍ଷେତମଜଦୁର ୟୁନିଅନର ନେତାମାନେ ଆଜିର ସଭାରେ ଆହ୍ୱାନ ଦେଇଛନ୍ତି। ଆଜିର ସଭାରେ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ପଲଟୁଦାସ, ରବିନ୍ଦ୍ର ବାରିକ,ବସନ୍ତ ଦାସ, ଦିଲ୍ଲୀପ ପରିଡା, ରାଜୀବ ଲୋଚନ ପଣ୍ଡା, ମମି ପଣ୍ଡା, ସବିତା ଭୂୟାଁ, ସସ୍ମିତା ପ୍ରମାଣିକ, ଚ଼ନ୍ଦନ କାମିଲା, ସୁଶାନ୍ତ ରାଉତ, ଆଦି ନେତୃତ୍ୱ ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଝିଙ୍କିରିଆରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବସ୍ତା, ୧୯/୧ (ନି.ପ୍ର): ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତ ଅଧିନସ୍ଥ ଝିଙ୍କିରିଆ ଗ୍ରାମରେ ରାବଣରାଜ ସ୍ପୋର୍ଟିଙ୍ଗ କ୍ଲବ୍ ଦ୍ୱାରା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ, ଅଞ୍ଚଳର ଆଦିବାସୀ ଭାଇ ଭଉଣୀଙ୍କ ଗହଣରେ ସମୟ ବିତାଇ ଆଦିବାସୀ ସଂପ୍ରଦାୟ ପାରମ୍ପରିକ ନୃତ୍ୟ କାର୍ଯ୍ୟକ୍ରମରେ ବିଧାୟିକା ଶ୍ରୀମତୀ ଜେନା ନିଜକୁ ସାମିଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଦସ୍ୟା ଦେବୀକା ସୋରେନ୍ , ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲରେ ଜାହେର୍ ଆୟୋ ଦଳକୁ ହରାଇ ଲଦଦିହି ଦଳ ଚମ୍ପିଆନ୍ ହୋଇଥିଲା । କ୍ଲବ ପକ୍ଷରୁ ଚମ୍ପିଆନ୍ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ରାବଣରାଜ ସ୍ପୋର୍ଟିଙ୍ଗ କ୍ଲବ୍ ର ସଭାପତି ଅରସରପ୍ରାପ୍ତ ସେନାଧିକାରୀ ଭୁକ୍ତୁ ମାରାଣ୍ଡି ,ସଂପାଦକ ବନମାଳୀ କିସ୍କୁ , ରଥ ହାଁସଦା,ଦୁଃଖିରାମ ହାଁସଦା,ଫୁଲମଣୀ ହାଁସଦା,ମୋହନ ହାଁସଦା,ଲକ୍ଷ୍ମଣ ଟୁଡୁ,ଅନନ୍ତ ମାରାଣ୍ଡି, ଗୀତା ଟୁଡୁ,ଶାନ୍ତିଲତା କିସ୍କୁ, କମୟ ହାଁସଦା, ସୁକୁଲ ବେଶ୍ରା,ହିନ୍ଦୁ ମୁର୍ମୁ,ଭୀମ ଚରଣ ମୁର୍ମୁ, ସନିଆ ମୁର୍ମୁ ,କନ୍ଧ ମୁର୍ମୁ ପ୍ରମୁଖ ଗ୍ରାମର ବୟସ୍କ ବ୍ୟକ୍ତି, କ୍ଲବର ସଦସ୍ୟ ଏବଂ ସଦସ୍ୟାମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ହିନ୍ଦୁ ଧାର୍ମିକ ପରମ୍ପରାରେ ତ୍ରିବେଣୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡ୍ଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବତ୍ର ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାଳନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ ମିଳିଥାଏ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# କୁଆଁରପୁର ଗ୍ରାମରେ ନିର୍ମାଣ ହେବାକୁ ଯାଉଛି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର

ଜଳେଶ୍ୱର ୧୯/୧(ନିପ୍ର) ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ମାକିଡ଼ିଆ ପଂଚାୟତ କୁଅଁରପୁର ଗାଁର ଦକ୍ଷିଣପାର୍ଶ୍ୱରେ ଥିବା ପଡିଆରେ ଆଜି ସନ୍ଧ୍ୟାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ।ଉପସ୍ଥିତ ଥିଲେ ପଂଚାୟତ ସମିତି ଅଧକ୍ଷ ମାନସ ଜେନା, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟଅଧିକାରୀ ଡ଼ ଭୀଷ୍ମ ପରିଡା, ପବ୍ଲିକ ହେଲଥ ଅଧିକାରୀ ଫକୀର ମୋହନ ପ୍ରଧାନ, ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସମୀର ଘଡେଇ, ସରପଞ୍ଚ ପ୍ରତିନିଧି ନିମାଇଁ ଘୋଷ, ନବ କୁମାର ପାଳ,ରବିକାନ୍ତ ପାତ୍ର, ନଳିନୀ କାନ୍ତ ଘଡେଇ, ତପନ ପାତ୍ର ଓ ଅଶୋକ ଘଡେଇ ।ପୂଜକ ପୁଲିନ କାନ୍ତ ପତି ପୂଜାପାଠ କରିଥିଲେ ।୩୭,୦୪,୦୨୨ଅଟକଳ ମୂଲ୍ୟରେ ହେବାକୁ ଥିବା ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଟି ୭ମାସରେ ସରିବ ।ଏହା ନିର୍ମାଣ ହେଲେ ଆଖ ପାଖ ଅଞ୍ଚଳରେ ୧୦ହଜାର ରୁ ଅଧିକ ଲୋକ ଉପକୃତ ହେବେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

# ବାଳିକା ଆତ୍ମ ସୁରକ୍ଷା ଶିବିର ଅନୁଷ୍ଠିତ




ବାସୁଦେବପୁର , ୧୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅଧୀନସ୍ଥ ବାରାପୁର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳିକା ଆତ୍ମସୁରକ୍ଷା ଶିବିର ଗୁରୁବାର ଦିନ ଉଦ୍ ଯାପିତ ହୋଇଯାଇଛି। ଅଧକ୍ଷ ଶ୍ରୀ ସୁଶୀଲ ଚନ୍ଦ୍ର ମାଇତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦଯାପନୀ ସଭାରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀ ବ୍ରଜମୋହନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ଶ୍ରୀ ହିମାଂଶୁ ଭୂଷଣ ପଣ୍ଡ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଶ୍ରୀ ରମେଶ ଚନ୍ଦ୍ର ଭୂୟାଁଙ୍କର ସଂଯୋଜନାରେ ଆଠ ଦିନ ଧରି ଚାଲିଥିବା ଏହି ଶିବିରରେ ଦୁଇ ମାଷ୍ଟର ଟ୍ରେନର ସୁଶ୍ରୀ ସୁଭଦ୍ରା ବେହେରା ଓ ସୁଶ୍ରୀ ଲକ୍ଷ୍ମୀପ୍ରିୟ। ମହାରଣା ତାଲିମ୍ ପ୍ରଦାନ କରିଥିଲେ। ଉଦଯାପନ ଉତ୍ସବରେ କନିଷ୍ଠ ଅଧାପକ ଶ୍ରୀ ଦିବ୍ୟସୁନ୍ଦର ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଶ୍ରୀମତୀ ମମତାମଣି ପାଢୀ, ଶ୍ରୀ ଡମ୍ବରୁଧର ପାତ୍ର, ଶ୍ରୀ ତପନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ଶ୍ରୀ ସୁଶୀଲ ଚନ୍ଦ୍ର ମାଇତିଙ୍କ ଦ୍ୱାରା ଶିବିରରେ ଅଂଶ ଗ୍ରହଣ କରିଥିବା ବାଳିକାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସାଉଁର ପୁରାତନ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟାଳୟ ଶୁଭ ଉଦଘାଟନ



ବାଲେଶ୍ୱର , ୧୯/୧ (ନି.ପ୍ର):ବାଲେଶ୍ୱର ସଦରବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ୍‌ବିଦ୍ୟାଳୟ, ସାଉଁର କାର୍ଯ୍ୟାଳୟ ଉଦଘାଟନୀ ସଭା ପରିଷଦର ସଭାପତି ଜଳଧର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଐତିହାସିକ ମୂହୁର୍ତ୍ତରେ ଅଞ୍ଚଳର ଖ୍ୟାତନାମା ଶିକ୍ଷାବିତ, ସମାଜସେବୀ, ଜନପ୍ରତିନିଧି ଏବଂ ବହୁ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସରକାରୀ ଉପମୁଖ୍ୟ ସଚେତକ ତଥା ବରେଣ୍ୟ ବିଧାୟକ ରେମୁଣା ଗୋବିନ୍ଦଚନ୍ଦ୍ର ଦାସ ମହୋଦୟ ଯୋଗଦାନକରି ଉଦଘାଟନୀ ଅଭିଭାଷଣ ରଖିଥିଲେ। ପୁରାତନ ଛାତ୍ର/ଛାତ୍ରୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରିବାସହ ଆବଶ୍ୟକ ସ୍ଥଳରେ ସଂଗଠନର ବିକାଶ ପାଇଁ ସମସ୍ତ ସହଯୋଗ କରିବାକୁ କଥାଦେଇଥିଲେ। ତତ୍ସହିତ କେବଳ ଆଞ୍ଚଳିକ ଉଚ୍ଚବିଦ୍ୟାଳୟ, ସାଉଁ ନୁହେଁ ପ୍ରତ୍ୟେକ ବିଦ୍ୟାଳୟରେ ଏହିଭଳି ପୁରାତନ ବିଦ୍ୟାର୍ଥୀ ପରିଷଦ ଗଠନ ହେବାକୁ ଗୁରୁତ୍ୱ ଦେଇଥିଲେ। ଅଞ୍ଚଳରେ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଶିକ୍ଷାକ୍ଷେତ୍ରର ସୁଦୁର ପ୍ରସାରି ବିକାଶ ପାଇଁ ବିଦ୍ୟାର୍ଥୀ ପରିଷଦର ପ୍ରସ୍ତାବରେ ସମୟ ଉପଯୋଗୀ ଏକ ଡିଜିଟାଲ ଗ୍ରନ୍ଥାଗାର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମଧ କଥାରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ୍ୟା ଉର୍ମିଳତା ଦାସ,ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ବନଲତା ସେଠୀ,ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ,ବରିଷ୍ଠ ସମାଜସେବୀ ହରେନ୍ଦ୍ରନାଥ ଦାସ,ସ୍ଥାନୀୟ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ପଦ୍ମାଳୟା ବେହେରା,ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରଭାତ ପରିଡା, ଶାନ୍ତନୁ କୁମାର ପାଣି,ପୂର୍ବତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର,ଯୁବ ନେତା ରଂଞ୍ଜନ କୁମାର ଦାସ,ସମାଜସେବୀ ବିଜୟ କୁମାର ପରିଡା, ସଂଗଠନର ଉପଦେଷ୍ଟା ଇଂ ପଦ୍ମଲୋଚନ ପାତ୍ର, ଯୁବ ଆଇନଜିବୀ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ଗ୍ରାମାଞ୍ଚଳରେ ଏଭଳି ଏକ ନବ ଚେତନା,ଚିନ୍ତାଧାରା ଓ ଉଦ୍ୟମକୁ ସ୍ୱାଗତ ଜଣାଇଥିଲେ। ସହ ସଂପାଦକ ନବକୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ,ସଂଗଠନର ଉପ-ସଭାପତି କେଶବକୁମାର ଆଚାର୍ଯ୍ୟ ପୁରାତନ ବିଦ୍ୟାର୍ଥୀ ପରିଷଦର ଆଭିମୂଖ୍ୟ ରଖିଥିଲେ,ସଂପାଦକ ସୁଧାକର ସେଠୀ ସଂପାଦକୀୟ ବିବରଣୀ ପାଠକରିଥିଲେ, ଉପଦେଷ୍ଟା ହେମନ୍ତ୍ର ବୁଗୁଡାଇ, ପରିଷଦର ଯୁବ ସଂଗଠକ ଇଂ. ସବ୍ୟସାଚୀ ପ୍ରଧାନ , ସାବିତ୍ରୀରାଣୀ ଦାସ ସଂଗଠନର କଥା ରଖିଥିଲେ ଏବଂ ଧନ୍ୟବାଦ ଦେଇଥିଲେ ପରିଷଦର ସଦସ୍ୟ ଇଂ ମନ୍ମଥ କୁମାର ବାରିକ। ସଂଗଠନର ଯୁବ ନେତୃତ୍ୱ ଅନିଲକୁମାର ଜେନା, ଶୁଭ୍ରାଂଶୁ ରାଉତ,ରାକେଶ ପାତ୍ର, ପ୍ରଶାନ୍ତକୁମାର ସାମଲ, ଶିରିଶ ଚନ୍ଦ୍ର ନାୟକ,ଭବେଶ କୁମାର ମହାନ୍ତି, ଜୟଶ୍ରୀ ରାଉତ, ମନମୋହିନୀ ଆଚାର୍ଯ୍ୟ, ଶୁଭ୍ରଜିତ ମହାନ୍ତି, ସନତ କୁମାର ପରିଡା, ଅଂଶୁମାନ ପରିଡା, ସ୍ୱାଭିମାନ ପରିଡା, ଅଂକିତା ସାମଲ,ନିରୁପମା ନାୟକ,ବାସନ୍ତୀ ବେହେରା ପ୍ରମୁଖ। ବିଦ୍ୟାଳୟର ପୁରାତନ ଛାତ୍ର/ଛାତ୍ରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପୂରାତନ ଛାତ୍ର ତଥା ଶ୍ରୀମା ଶ୍ରୀ ଅରବିନ୍ଦ କଳାକ୍ଷେତ୍ର,ପଳାସପୁରର ଅଧକ୍ଷ କୁଳମଣି ସାମଲ ଏବଂ ଛାତ୍ର/ଛାତ୍ରୀ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ଢ଼ୋଲାରେ ପୁରାତନ ଛାତ୍ର ଦୀନବନ୍ଧୁ ପ୍ରଧାନ ସହଯୋଗ କରିଥିଲେ।

# ନୀଳଗିରିର ପ୍ରତିଷ୍ଠିତ ମିଠାଦୋକାନ ଗଜାନନ ସୁଇଟ୍ସରେ ଗ୍ୟାସ ଲିକକରି ଅଗ୍ନିକାଣ୍ଡ: ମାଲିକ ସହ ୩ ଗୁରୁତର

ନୀଳଗିରି, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବଜାରରେ ପ୍ରତିଷ୍ଠିତ ମିଠାଦୋକାନ ଗଜାନନ ସୁଇଟ୍ସ ରେ ପୂର୍ବାହ୍ନ ପ୍ରାୟ ୧୨ଘ ସମୟର ମିଠା ତିଆରି କରୁଥିବା ବେଳେ ରନ୍ଧନ ଗ୍ୟାସ ପାଇପରୁ ଗ୍ୟାସ ଲିକେଜ କରି ଭାଟି ଘରେ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳିଥିଲା। ଦୁର୍ଘଟଣାରେ ମାଲିକ ଯଦୁନାଥ ସାହୁ ସହିତ ଅନ୍ୟ ଦୁଇଜଣ ମିଠା କାରିଗର ରାଧାକିଶୋରପୁର ପଂଚାୟତ ପୁନ୍ଦାଳ ଗାଁର ନରେଶ ସିଂହ ଓ ରାଜେଶ ସିଂହ ଦୁର୍ଘଟଣାରେ ଶିକାର ହୋଇଛନ୍ତି। ମାଲିକ ସହିତ ଦୁଇ କାରିଗରଙ୍କର ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦେହର ଚମଡା ପୋଡିଯାଇଛି । ସ୍ଥାନୀୟ ଦୋକାନୀମାନେ ସଂଗେସଂଗେ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରାଇ ଚିକିତ୍ସା କରାଯାଇଛି । ତେବେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି । ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାପାଇଁ ୪୦ମିନିଟ ଧରି କସରତ କରିବାପରେ ନିଆଁକୁ ଲିଭାଇଥିଲେ। ଅପରପକ୍ଷରେ ନୀଳଗିରି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର ପ୍ରକୃତ କାରଣ ନେଇ ତଦନ୍ତ କରୁଥିବା ଜଣାପଡିଛି।

# ବିଧାୟକଙ୍କ ହାତ ପାଣ୍ଠିରୁ ହାତିଗର୍ଡ ଗୋଷ୍ଠି କେନ୍ଦ୍ରରେ ଲାଗିଲା ନୂଆ ଇସିଜି ମେସିନ



ଜଳେଶ୍ୱର , ୧୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଜଳେଶ୍ୱରର ମାନ୍ୟବର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ବିଧାୟକ ଉନ୍ନୟନ ପାଣ୍ଠିରୁ ହା ହାତୀଗର୍ଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗି ମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ଏକ ଇସିଜି ମେସିନ ପ୍ରଦାନ କରିଛନ୍ତି ଏବଂ ଏହି ଆତ୍ୟତ୍ୟାଧୁନିକ ମେସିନ କୁ ଉଦ୍ଘାଟନ କରି ପ୍ରତ୍ୟେକ ରୋଗୀ ମାନଙ୍କ ପାଇଁ ମାଗଣାରେ ଚିକିତ୍ସା ସୁବିଧା ପାଇଁ ସମର୍ପିତ କରିଛନ୍ତି ତାଙ୍କ ସହିତ ଉପସ୍ଥିତ ରହିଥିଲେ ଜଳେଶ୍ୱର ପଞ୍ଚାୟତ ସମିତିର ଅଧକ୍ଷ ମାନସ ଜେନା, କାଳିକ ଗ୍ରାମ ପଞ୍ଚାୟତର ଯୁବ ନେତା ଗଙ୍ଗାଧର ଦାସ, ଓ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁପରୀଷ୍ଟାଣ୍ଡ ଡ ଭୀଷ୍ମ ପରିଡ଼ା, ପୋବ୍ଲିକ ହେଲଥ ଅଧିକାରି ଫୋକିର ମୋହନ ପ୍ରଧାନ, ବିପିମ୍ ସ୍ମିତା ପ୍ରାମାଣିକ ପ୍ରମୁଖ ଉପସ୍ଥିତି ରହୁଥିଲେ ଯାହା ଦ୍ୱାରା ରାଇବଣିଆ ଅଞ୍ଚଳର ଲକ୍ଷ୍ୟ।ଧିକ ରୋଗୀ ଏହି ସୁବିଧାର ଲାଭ ବାନ ହେବେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆମେରିକାରେ....

ଚୀନ୍‌କୁ ଚ୍ୟାଲେଞ୍ଜ ଦେଇ ଭାରତର ବଡ ବଜାରକୁ ଫୋକସ କରିପାରେ ଆମେରିକା। ଭାରତ, ଆମେରିକୀୟ ସାମଗ୍ରୀ ଉପରେ ଲଗାଉଥିବା ଟ୍ୟାକ୍ସ ଭଳି ଆମେରିକା ବି ଭାରତୀୟ ସାମଗ୍ରୀ ଉପରେ ସେତିକି ଟ୍ୟାକ୍ସ ଲଗାଇବ ବୋଲି ପ୍ରଚାର ବେଳେ କହିସାରିଛନ୍ତି ଟ୍ରମ୍ପ। ତେଣୁ ସେୟାର ବଜାରରେ ଦେଖାଦେଇପାରେ ଏହାର ବଡ଼ ପ୍ରଭାବ। ଏହାରି ଭିତରେ ଭାରତରେ ଆହୁରି ଶକ୍ତିଶାଳୀ ହୋଇଛି ଡଲାର। ୧ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ୮୬ ଟଙ୍କା ୫୮ ପଇସାରେ ପହଞ୍ଚିଛି। ଭିକଟ୍ରି ସ୍ପିଚରେ ମେକ୍ ଆମେରିକା ଗ୍ରେଟ୍ ଏଗେନ୍‌ର ଆହ୍ୱାନ ଦେଇଥିଲେ ଡୋନାଲ୍ଡ ଟ୍ରମ୍ପ। ଏବେ ଆମେରିକା ଫାଷ୍ଟ ଉପରେ ଜୋର୍ ଦେଉଛି ଟ୍ରମ୍ପ ପ୍ରଶାସନ।

## ପୁଣି ଶ୍ରୀମନ୍ଦିରର ଗର୍ଭଗୃହର...

ସୁରକ୍ଷା ବଳୟ ଭିତରେ କେମିତି ଭିତରକୁ ଗଲା ମୋବାଇଲ ? ଭିଡ଼ିଓ କଲା ବେଳେ କେମିତି ଜାଣିପାରିଲେନି ପୋଲିସ ? ନା ସବୁ ଜାଣିଶୁଣି ଚୁପ୍ କି ପ୍ରଶାସନ ? ନିକଟରେ ସବୁ ନିୟମକୁ ଫୁ' କରି, ବ୍ୟବସ୍ଥା ଆଖିରେ ଆଙ୍ଗୁଠି ଗେଞ୍ଜି ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ୍। ଶହ ଶହ ଭକ୍ତଙ୍କ ସାମ୍ନାରେ ଶ୍ରୀମନ୍ଦିରର ଖୁବ୍ ନିକଟରେ ଡ୍ରୋନ୍ ସହାୟତାରେ ଭିଡିଓ ଶୁଟ୍ କରାଯାଇଥିଲା। ନୋ ଫ୍ଲାଇଂ ଜୋନ୍ ସତ୍ତ୍ୱେ ଅଧ ଘଣ୍ଟା ଧରି ଶ୍ରୀମନ୍ଦିର ପରିସର ଓ ଆଖପାଖରେ ଏକ ଡ୍ରୋନ ଘୁରି ବୁଲିବା ପରେ ବି ପୋଲିସ୍ କି ପ୍ରଶାସନ କେହି ନା ଜାଣିପାରିଲେ ନା ଏବେ ଯାଏଁ ଅଭିଯୁକ୍ତଙ୍କୁ ଧରିପାରିଲେ। ବାରମ୍ୱାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ସମୟ ଭୋର୍ ପ୍ରାୟ ୪ଟା ୧୦ ମିନିଟ୍, ଶ୍ରୀମନ୍ଦିର ମୁଖ୍ୟ ଦ୍ୱାର ଖୋଲିବା ପୂର୍ବରୁ ବାହାରେ ଅପେକ୍ଷା କରିଥିଲେ ଶ୍ରଦ୍ଧାଳୁ। ଆଉ ଠିକ୍ ଏହି ସମୟରେ ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହିରୁ ଉଡ଼ିଆସିଥିଲା ଏକ ଡ୍ରୋନ। ଶ୍ରୀମନ୍ଦିର ମେଘନାଦ ପାଚେରୀ, ଦଧିନଉତି, ନୀଳଚକ୍ର ସବୁଠି ଅଟକି ଅଟକି ଭିଡିଓ ଶୁଟ୍ କରିଲା। ଏମିତିକି ତଳକୁ ଓହ୍ଲାଇ ବି ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଥିଲା। ଏସବୁକୁ ବାହାରେ ଥିବା ଶ୍ରଦ୍ଧାଳୁ ଦେଖିଥିଲେ ଓ ନିଜ ଫୋନରେ ରେକର୍ଡିଂ ବି କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଡ୍ରୋନ୍ ଉଡ଼ିଲା, ଆଉ ଲୋକେ ଏସବୁକୁ ଦେଖିପାରିଲେ। ହେଲେ ନା ପୋଲିସ୍ ନା ଶ୍ରୀମନ୍ଦିର ପ୍ରଶାସନର କୌଣସି ଅଧିକାରୀ ଏସମ୍ପର୍କରେ ଟିକିଏ ବି ଟେର ପାଇଲେନି।

## ମହାକୁମ୍ଭରେ ଭୀଷଣ...

ଅଗ୍ନିଶମ ବାହିନୀର ଅଧା ଡଜନ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ । ସର୍ବଶେଷ ସୂଚନା ଅନୁସାରେ ମହାକୁମ୍ଭରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି । ଅଗ୍ନିଶମ ବାହିନୀର ଅଧା ଡଜନ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ । ସେକ୍ଟର ୧୯ ଓ ସେକ୍ଟର ୫ ସୀମାରେ ଥିବା ପୁରୁଣା ଜିଟି ରୋଡ୍ ଛକ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି। ବିବେକାନନ୍ଦ ଶିବିରରେ ପ୍ରଥମେ ନିଆଁ ଲାଗିଥିଲା। ତେବେ ଏହି ଘଟଣାରେ କେହି ମୃତାହତ ହୋଇଥିବା ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

## ଅନିଲ ହଂସିତାଙ୍କ ...

ଗୋଟିଏ ପଟେ ସରୋଜ ସାହୁଙ୍କୁ ନିଜର ସ୍ୱାମୀ କହି ନିଜର ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ସେପଟେ ନିୟମିତ ଜାମିନ ପାଇଁ ଦାଖଲ କରିଥିବା ପିଟିସନରେ ନିଜର ସ୍ୱାମୀ ଭାବେ ଅନୀଲ ମହାନ୍ତିଙ୍କୁ ଦର୍ଶାଇଥିଲେ। ଯାହାକୁ ନେଇ କୋର୍ଟ ହଂସିତାଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ କରିଥିଲେ। ଖାଲି ଏତିକି ନୁହେଁ, ନିଜର ଫେକ୍ ପରିଚୟ ପତ୍ର ସହ ଫେକ୍ ପୋଲିସ ଭେରିଫିକେସନରେ ପାସପୋର୍ଟ ହାତେଇଛନ୍ତି ହଂସିତା ଅଭିଲିପ୍ସା। ତାଙ୍କ ପ୍ରକୃତ ନାମ ବିଷ୍ଣୁପ୍ରିୟା ଚାନ୍ଦ ହୋଇଥିବା ସେ ଲୁଚାଇଛନ୍ତି। ଏପରିକି ୨୦୧୭ ମସିହାରେ ତାଙ୍କ ନାମରେ ବଡଗଡ ଥାନାରେ ବିଷ୍ଣୁପ୍ରିୟା ଚାନ୍ଦଙ୍କ ନାମରେ ଏକ ମାମଲା ଥିବାରୁ ନାମ ପରିବର୍ତ୍ତନ କରି ପାସପୋର୍ଟ ହାତେଇଥିଲେ। ଯେଉଁଥିପାଇଁ ଆଉ ଏକ ମାମଲା ରୁଜୁ କରିବା ସହ ଇଘଝ ୪୧୭, ୪୧୯, ୪୨୦, ୪୬୮, ୪୭୧ ଓ ୧୨ ପାସପୋର୍ଟ ଦଫା ଲଗାଇଛି ଇନଫୋସିଟି ଥାନା ପୋଲିସ। ନିଜକୁ ପିକେ ମିଶ୍ରଙ୍କ ଝିଅ କ୍ୱାଇଁ କହି ଗତ ୨୦୨୩ ମସିହା ଜାନୁଆରୀ ୧୨ ତାରିଖରେ ଇଏସଏଲ ବୋକାରୋ କମ୍ପାନୀ ସହ ୨୮୩ କୋଟି ଟଙ୍କାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଯାହାର ପ୍ରାମାଣ ପୋଲିସ ପାଇବା ସହ କୋର୍ଟଙ୍କ ନିକଟରେ ଦାଖଲ କରିଛି।

## ନବ ଦାସ...

କିନ୍ତୁ ଦୁର୍ଭାଗ୍ୟ ସେ ସମୟରେ ତାଙ୍କ ପରିବାର ନିରବ ରହିଲେ। କ୍ଷମତା ଲୋଭ, ସଂପତ୍ତି ସୁରକ୍ଷା ପାଇଁ ତଦନ୍ତ ଠିକ୍ ହେଉଥିବା କହିଲେ ପ୍ରଦୀପ। ତେବେ ନବ ଦାସ ହତ୍ୟାକାଣ୍ଡର ଅଧିକ ତଦନ୍ତ ଆବଶ୍ୟକ । ପରଦା ପଛର ଖଳନାୟକମାନେ ଧରାପଡ଼ିବା ଦରକାର ବୋଲି ସେ କହିଛନ୍ତି। ସେହିପରି ଜୟନାରାୟଣ ମିଶ୍ର ଏହି ଘଟଣାରେ ମୁହଁ ଖୋଲିଛନ୍ତି। ଲିଖିତ ଜଣାଇବୁ ବୋଲି ଦୀପାଳିଙ୍କ ପ୍ରତିକ୍ରିୟା ଉପରେ ଜୟନାରାୟଣ ନିଜର ମନ୍ତବ୍ୟ ରଖିଛନ୍ତି। ବିଳମ୍ବରେ ହେଲେ ବି ବୁଦ୍ଧି ଉଦୟ ହେଲା କହିଲେ। କେବଳ ମୁଖ୍ୟମନ୍ତ୍ରୀଙ୍କୁ ଲେଖିକି ଦେଲେ ହେବନି, କୋର୍ଟଙ୍କୁ ବି ଲେଖିକି ଦେବାକୁ ପଡ଼ିବ । ଦଳ ହାରିଗଲା ପରେ ଏବେ ମନେ ପଡ଼ିଲା ବୋଲି କହିଛନ୍ତି ଜୟନାରାୟଣ ମିଶ୍ର ।

## ଯାତ୍ରାରେ ଅଶ୍ଳୀଳତା ...

ଖଣ୍ଡଗିରି ଯାତ୍ରା ଆୟୋଜନ କମିଟିର ସଦସ୍ୟ ମଧ ଯାତ୍ରାରେ ଅଶ୍ଳୀଳତା ବନ୍ଦ ପଦକ୍ଷେପକୁ ସଠିକ୍ ବୋଲି ଦର୍ଶାଇବା ସହ ଗାଇଡଲାଇନ୍ସ କେବଳ ଖଣ୍ଡଗିରି ପାଇଁ ଲାଗୁ ନହୋଇ ସାରା ରାଜ୍ୟରେ ଲାଗୁ ହେବା ଦରକାର ମତଦେଇଛନ୍ତି । ଆଗାମୀ ଖଣ୍ଡଗିରି ଯାତ୍ରାକୁ ଅଶ୍ଳୀଳତା ମୁକ୍ତ କରିବା ଲାଗି ଏଥର ୩ଜଣ ଆଇଟମ୍ ଡ୍ୟାନ୍ସର ନିଶା ମହାରଣା, ଭାଗ୍ୟଶ୍ରୀ ସାହୁ ଓରଫ ସାହୁ ଭାଉଜ ଏବଂ ରାଣୀ ପ୍ରିୟଦର୍ଶିନୀଙ୍କୁ ବାରଣ କରାଯାଇଛି । ଏମାନଙ୍କ ମଧ୍ୟରୁ ରାଣୀ ପ୍ରିୟଦର୍ଶିନୀ ଅଶ୍ଳିଳତାକୁ ଆଇଟମ୍ ଡ୍ୟାନସ ସହ ନମିଶାଇବାକୁ ଅନୁରୋଧ କରିଛନ୍ତି । ଆସନ୍ତା ଫେବୃଆରୀ ୬ ରୁ ୧୭ ତାରିଖ ଯାଏଁ ଚାଲିବ ଖଣ୍ଡଗିରି ମେଳା । ଯେଉଁଥିରେ ୧୨ରୁ ଅଧିକ ଅପେରା ପାର୍ଟି ନାଟକ ପରିବେଷଣ କରିବେ । କିଛି ଦିନ ପୂର୍ବରୁ କମିଶନରେଟ୍ ପୋଲିସ ସହ ଆଲୋଚନା ବେଳେ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତା ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଥିଲେ ୬ଟି ଯାତ୍ରା କମିଟି ।

## ମୁଖ୍ୟମନ୍ତ୍ରୀ ହେବାର...

ଚିକିତ୍ସାଧୀନ ଅବସ୍ଥାରେ ସେହି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ସ୍ୱର୍ଗତ ନବ ଦାସଙ୍କର ଅନେକ ଶତ୍ରୁ ଥିଲେ ବୋଲି ପରିବାର ଲୋକେ ବୟାନ ଦେଇଥିଲେ। ମାତ୍ର ସେତେବେଳେ କ୍ରାଇମ୍ବ୍ରାଞ୍ଚ ଷଡ଼୍ୟନ୍ତ୍ର ଦିଗରେ କୌଣସି ତଦନ୍ତ କରିନଥିବା ବେଳେ କେବଳ ଗୋପାଳ ଦାସଙ୍କୁ ଗିରଫ କରି କାମ ଶେଷ କରିଦେଇଥିଲା। ଏହି ହତ୍ୟାକାଣ୍ଡ ପଛର କାରଣ ଏବେ ବି ରହସ୍ୟାବୃତ ହୋଇ ରହିଛି।

## ଗାଜାରେ ଲାଗୁ ହେଲା ...

ପ୍ରଥମ ପର୍ଯ୍ୟାୟ ସମୁଦାୟ ୪୨ ଦିନର ହେବ। ଇସ୍ରାଏଲର ୯୮ ଜଣ ବନ୍ଧକଙ୍କ ମଧ୍ୟରୁ ୩୩ ଜଣଙ୍କୁ ହମାସ ମୁକ୍ତ କରିବ। ତା ବଦଳରେ ଇସ୍ରାଏଲ ୭୩୭ ଜଣ କଏଦୀଙ୍କୁ ମୁକ୍ତ କରିବ। ବନ୍ଧକ ଓ କଏଦୀଙ୍କ ବିନିମୟ ପାଇଁ ତିନୋଟି ପଏଣ୍ଟ ସୃଷ୍ଟି କରାଯାଇଛି। ଏହି ପଏଣ୍ଟ କେରିମ୍ ଶାଲୋମ୍, ଆରେଜ୍ ଓ ରିମ୍ ରେ ରହିବ। ଏଠାରେ ଡାକ୍ତର ଓ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଉପସ୍ଥିତ ରହି ଡିସଚାର୍ଜ ହୋଇଥିବା ଲୋକଙ୍କ ପରୀକ୍ଷା କରିବେ।

## ଗତ ୧୦ ବର୍ଷରେ ...

କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, ଗତ ଦଶକରେ ଦେଶରେ ବ୍ୟକ୍ତିଗତ ନିବେଶରେ ହ୍ରାସ ଦେଖିବାକୁ ମିଳୁଛି । ନିବେଶର ସବୁଠୁ ବଡ ଭାଗ ବ୍ୟକ୍ତିଗତ ଘରୋଇ ବିନିଯୋଗ ୨୦୧୪ ପର ଠାରୁ ଲଗାତାର ଦୁର୍ବଳ ହେବାରେ ଲାଗିଛି । ଡଃ. ମନମୋହନ ସିଂହଙ୍କ କାର୍ଯ୍ୟକାଳ ସମୟରେ ଏହା ମଜବୁତ ଯୋଗୁଁ ସକଳ ଘରୋଇ ଉତ୍ପାଦ (ଜିଡ଼ିପି)ର ୨୫ରୁ ୩୦ ପ୍ରତିଶତ ମଧ୍ୟରେ ରହିଥିଲା । ଗତ ୧୦ ବର୍ଷରେ ଏହା ହ୍ରାସ ପାଇ ୨୦ରୁ ୨୫ ପ୍ରତିଶତକୁ ଖସି ଆସିଛି । ନିବେଶରେ ହ୍ରାସ ପାଇବା ସହିତ ଉଚ୍ଚ ନେଟ ବର୍ଥ ବାଲା ଲୋକଙ୍କ ବହୁ ମାତ୍ରାରେ ପଳାୟନ ମଧ ହୋଇଛି । ଗତ ଏକ ଦଶକରେ ୧୭.୫ ଲକ୍ଷରୁ ଅଧିକ ଭାରତୀୟ ଅନ୍ୟ ଦେଶର ନାଗରିକତ୍ୱ ନେଇଛନ୍ତି । ଏକ ଅନୁମାନ ମୁତାବକ ୨୦୨୨ରୁ ୨୦୨୫ ମଧ୍ୟରେ ୨୧, ୩୦୦ ଅରବପତି ଭାରତ ଛାଡିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# କୃଷ୍ଣଚନ୍ଦ୍ର ଶିକ୍ଷାନିକେତନରେ ପକ୍ଷୀ ସୁରକ୍ଷା ଆଲୋଚନା ଚକ୍ର

ବେତନଟୀ , ୧୯/୧ (ନି.ପ୍ର): ପାଟଳୀପୁରା ଗ୍ରାମ ପଞ୍ଚାୟତ ଅଧିନସ୍ଥ କୃଷ୍ଣ ଚନ୍ଦ୍ର ଶିକ୍ଷାନିକେତନରେ ପକ୍ଷୀସୁରକ୍ଷାର ଉପାଦେୟତା ଏବଂ ଉପକାରିତା ପ୍ରସଙ୍ଗରେରେ ଏକ ଆଲୋଚନା ଚକ୍ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ସଭାପତିରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟି ଗୋଷ୍ଠୀ ଶିକ୍ଷା ସହ ଅଧିକାରୀ ରମାକାନ୍ତ ମହାନ୍ତ, ମୁଖ୍ୟ ବକ୍ତା ଭାବରେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଅଜିତ କୁମାର ଜେନା ବିଶିଷ୍ଟ ବକ୍ତା ଭାବରେ ବିଜ୍ଞାନ ଶିକ୍ଷକ ତଥା ଓଷ୍ଟା ସଂଗଠନ ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ,ସମ୍ମାନିତ ବକ୍ତାଭାବରେ ବେତନଟିରେଞ୍ଜର ବେଲାଣପୁରା ଦାରିହା କୁଣ୍ଡି ପକ୍ଷୀ ଗଣନା ଦାୟିତ୍ୱରେ ଥିବା ଟିମ ଲିଡର ବନରକ୍ଷୀ ହୃଷିକେଶ ବେହେରା ଯୋଗଦାନକରି ପକ୍ଷୀ ଗଣନାର ଆବଶ୍ୟତା ଓ ପକ୍ଷୀ ସୁରକ୍ଷାର ଉପକାରିତା ବିଷୟରେ ଆଲୋଚନା କରିଥିଲେ । ଏଥିରେ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ବେତନଟୀ ବ୍ଲକର ସବୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ । ସଭା କାର୍ଯ୍ୟକ୍ରମକୁ ଆୟୋଜନ ତଥା ପରିଚାଳନା ଥିଲେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ ।



# ମା’ ଭୁଦାରଚଣ୍ଡୀ ମନ୍ଦିର ପରିସରରେ ବାବା ଚଣ୍ଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱବିଗ୍ରହ ପ୍ରତିଷ୍ଠା ଉତ୍ସବ



ନୀଳଗିରି , ୧୯/୧ (ନି.ପ୍ର): କଳିଯୁଗର ତାରଣକର୍ତ୍ତା ଦେବଦେବ ମହାଦେବଙ୍କ ଅପାର କରୁଣାରୁ ନୀଳଗିରି ବ୍ଲକ ସଜନାଗଡ ଠାରେ ଅଧିଷ୍ଠାତ୍ରୀ ଦେବୀ ମା ଭୁଦାରଚଣ୍ଡୀଙ୍କ ପୀଠ ପରିସରରେ ବାବା ଭୋଳାନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରରେ ପାଳନ ହେଉଛି। ୧୮ତାରିଖ ଶନିବାର ଅଙ୍କୁରାରୋପଣ ପରେ ଶହଶହ ମହିଳା ଓ ପୁରୁଷଭକ୍ତ ମାନେ ଶଙ୍ଖ, ଭେରି, ଢୋଲ, ମହୁରୀ, କୀର୍ତ୍ତନର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଚଣ୍ଡୀପୋଖରୀରୁ ୨୫୦ଜଣ ମହିଳା କଳସଯାତ୍ରାରେ ଯାଇ ପୂର୍ଣ୍ଣକୁମ୍ଭରେ ଜଳ ଆଣିଥିଲେ। ପରେ ଘଟ ସଂସ୍ଥାପନ ଓ ଅଗ୍ନି ଆବାହନ କରାଯାଇଥିଲା। ୧୯ତାରିଖ ରବିବାର ପ୍ରାତରେ ସୂର୍ଯ୍ୟପୂଜା, ବାସ୍ତୁପୂଜା, ଶିଖର ସ୍ନାନ ପରେ ଧ୍ୱଜାରୋପଣ କରାଗଲା ପରେ ବ୍ରାହ୍ମଣଙ୍କ ମନ୍ତ୍ରଉଚ୍ଚାରଣ ପୂର୍ବକ ପୂର୍ବାହ୍ନ ୧୦ଘଟିକା ସମୟରେ ଯଜ୍ଞ କରାଯାଇ ନୂତନ ମନ୍ଦିରପ୍ରତିଷ୍ଠା ସହିତ ପାର୍ଶ୍ୱବିଗ୍ରହ ପ୍ରତିଷ୍ଠାକରିବା ପରେ ସପ୍ତସତୀ ଚଣ୍ଡୀପାଠ କରାଯାଇଥିଲା। ମା ଭୁଦାରଚଣ୍ଡୀ ମନ୍ଦିରର ମୁଖ୍ୟପୂଜକ ପଣ୍ଡିତ ବିଜୟ କୁମାର ପଣ୍ଡା, ପ୍ରଭାକର ଶତପଥୀ, ଜ୍ୟୋତିଶଙ୍କର ଷଡ଼ଙ୍ଗୀ, ପରମାନନ୍ଦ ପଣ୍ଡା, ସିଦ୍ଧେଶ୍ୱର ନନ୍ଦ ପ୍ରମୁଖ ପଣ୍ଡିତମଣ୍ଡଳୀ ବାବା ଚେଣ୍ଡେଶ୍ୱରଙ୍କ ପ୍ରତିଷ୍ଠା କାର୍ଯ୍ୟରେ ସାମିଲ ହୋଇଥିଲେ। ନୀଳଗିରିର ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ, ନୀଳଗିରି ଠାକୁରମାହାଲର ବଂଶାନୁକ୍ରମିକ ସଭାପତି ଆଦିସ୍ୱେବିକା ପାଟସାମନ୍ତ ରାଣୀ ମନୋଜାମଞ୍ଜରୀ ଦେବୀଙ୍କ କରକମଳରେ ଯଜ୍ଞ ଆରମ୍ଭ ସହିତ ପୂର୍ଣ୍ଣାହୁତି ଦେବାର ସ୍ଥିର ହୋଇ ଯଜ୍ଞାରମ୍ଭ ହୋଇଥିଲା।ଆଜି ରୁଦ୍ରାଭିଷେକ ସହିତ ପୂର୍ଣ୍ଣାହୂତି, ପ୍ରସାଦସେବନ ସହ ଅନ୍ନଛତ୍ର କରାଯିବାର ବ୍ୟବସ୍ଥା କରାଯାଇଛି। ତେବେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଗୋଟିଏ ପୀଠରେ ମା ଭବାନୀଙ୍କ ସହିତ ରୁଦ୍ରଦେବଙ୍କ ସାନ୍ନିଧ ଲାଭ କରିବାର ସୌଭାଗ୍ୟ ପାଇପାରିବେ ବୋଲି ଭକ୍ତମହଲରେ ଆନନ୍ଦ ପ୍ରକାଶପାଇଛି।

# କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବସ୍ତା , ୧୯/୧ (ନି.ପ୍ର): ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ(ଗ୍ରାମାଞ୍ଚଳ) ପକ୍ଷରୁ ରାଇସୁଆଁ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦର ଗ୍ରାମାଞ୍ଚଳ ସି ଡ଼ି ପି ଓ ରଙ୍ଗଲତା ମହାନ୍ତି , ଶିଶୁ ସୁରକ୍ଷା ଅଧିକାରିଣୀ ମିନତି ପାତ୍ର, ମେଡିକାଲ ଅଫିସର ଶୁଭାଶିଷ ମହାନ୍ତି, ନୃତ୍ୟ ବିଚାରକ କୈଳାସ ଦାସ ଯୋଗ ଦେଇ ଗ୍ରାମାଞ୍ଚଳରେ ଲୁକ୍କାୟିତ କିଶୋରୀ ପ୍ରତିଭାକୁ ଅନ୍ୱେଷଣ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୯ ଟି ସେକ୍ଟରର ୧୦୦ ରୁ ଉର୍ଦ୍ଧ୍ୱ କିଶୋରୀ ମାନଙ୍କୁ ନେଇ ସଙ୍ଗୀତ , ନୃତ୍ୟ, ଚିତ୍ରାଙ୍କନ , ବକ୍ତୃତା , କ୍ଷୁଦ୍ର ନାଟକ ଆଦି ପ୍ରତିଯୋଗିତା ହୋଇଥିଲା। ଆଜିର ସମାଜରେ ହେଉଥିବା କନ୍ୟା ଭ୍ରୁଣ ହତ୍ୟା , ବାଲ୍ୟ ବିବାହ କୁ ନା , ନାରୀ ନିର୍ଯାତନା କିଭଳି ରୋକା ଯାଇ ପାରିବ, ନାରୀ ବଢ଼ିଲେ ଦେଶ ବଢ଼ିବ ,ସେ ବିଷୟ ରେ କିଶୋରି ବାଳିକା ମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଥିଲେ । ସମସ୍ତ ସୁପରଭାଇଜର ମାନେ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ପାରାଦୀପ ଗଡରେ ମିନି ଷ୍ଟାଡିୟମ ଉଦ୍‌ଘାଟିତ




ପାରାଦୀପ, ୧୯/୧ (ନି.ପ୍ର): ଆର୍ସେଲର, ମିତ୍ତଲ ଓ ନିପ୍ପନ ଷ୍ଟିଲ କମ୍ପାନି ଦ୍ୱାରା ନିର୍ମିତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାରାଦୀପ ଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆର ଉନ୍ନତି କରଣ ଓ ଗ୍ୟାଲେରୀକୁ ଆଜି ଏକ ସ୍ୱତନ୍ତ୍ର ଉତ୍ସବରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସ୍ୱାଧୀନତାର ୭୭ ବର୍ଷ ପରେ ପାରାଦୀପ ଗଡ଼ ଅଞ୍ଚଳରେ ଏକ ଷ୍ଟାଡିୟମ ନଥିବାରୁ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ବିଭିନ୍ନ କଳ କାରଖାନା କର୍ତୃପକ୍ଷଙ୍କୁ ନିବେଦନ କରିଥିଲେ । ଫଳରେ ଆର୍ସେଲର ମିତ୍ତଲ ଓ ନିପ୍ପନ୍ ଷ୍ଟିଲ କମ୍ପାନୀ ତାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଉକ୍ତ ମିନି ଷ୍ଟାଡିୟମ ନିର୍ମାଣ କରିଥିଲେ । ସମ୍ମାନିତ ଅତିଥି ଭାବେ କମ୍ପାନୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜି.ସୁରେଶା, ସି.ଏସ. ଆର, ହେଡ ବିକାଶ ଯଦେବେନ୍ଦୁ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ସଂଜୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ କମ୍ପାନୀ ସି,ଏସ୍,ଆର ପାରାଦୀପ ୟୁନିଟ୍ ମୁଖ୍ୟ ଦେବାଶିଷ ସ୍ୱାଇଁ ସଭା ସଞ୍ଚାଳନ କରିଥଲେ । ଦେବଦୂର୍ଲ୍ଲବ କର ଧନ୍ୟବାଦ୍ ଦେଇଥିଲେ । ସଭା ଶେଷରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଚମ୍ପିୟାନ ହୋଇଥିବା ପାରାଦୀପ ଗଡ କ୍ରିକେଟ୍ ଟିମକୁ ଚମ୍ପିୟାନ ଟ୍ରଫି ଓ ନଗଦ ୨୫ ହଜାର ଟଙ୍କା ଅର୍ଥରାଶି ଏବଂ ଭୂତମୁଣ୍ଡାଇ ଟିମ୍ କୁ ରନର୍ସ ଅପ୍ ଟ୍ରଫି ଓ ନଗଦ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା ଆଗମୀ ବର୍ଷରେ ଷ୍ଟାଡିୟମର ଆଲୋକି କରଣ କରାଯିବା ସହିତ ଏହାର ପାରିପାର୍ଶିକ ଉନ୍ନତି କରାଯିବା ବୋଲି ମିତ୍ତଲ୍ ପାରାଦୀପ ୟୁନିଟ୍ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜି, ଶୁରେଶା ପ୍ରକାଶ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଉଦଳା , ୧୯/୧ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ତରଫରୁ ଜାତୀୟ ସଡ଼କ ସୁରକ୍ଷା- ୨୦୨୫ ଅବସରରେ ପର୍ଯ୍ୟଟନକ୍ଷେତ୍ର ‘ଶମୀବୃକ୍ଷ’ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟରେ ଥିବା ‘ଯୁବରେଡ଼କ୍ରସ’, ‘ସମରଶିକ୍ଷାର୍ଥି ବାହିନୀ’ ଓ ‘ଜାତୀୟ ସେବା ଯୋଜନା’ର ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ମଦ୍ୟପାନ କରି ଗାଡ଼ି ଚଳାଇବା, ରାସ୍ତାର ନିୟମ ଓ ଟ୍ରାଫିକ୍ ନିୟମ ନମାନି ଗାଡ଼ିଚଳାଇବା, ହେଲମେଂଟ ନପିନ୍ଧି ଗାଡ଼ିଚଳାଇବା ଓ ବେପରୁଆ ଭାବରେ ଗାଡ଼ି ଚଳାଇବା ଦ୍ୱାରା ନିଜେ ଦୁର୍ଘଟଣାର ଶିକାର ହେବା ସହିତ ଅନ୍ୟର ଜୀବନକୁ ବିପଦଗାମୀ କରିବା ସମ୍ପର୍କରେ ଛାତ୍ରଛାତ୍ରୀ ମାନେ ଗାଡ଼ିଚାଳକ ମାନଙ୍କୁ ସଚେତନ କରାଇଥିଲେ । ପ୍ରକାଶଥାଉକି ପ୍ରତିବର୍ଷ ଏହିସବୁ କାରଣରୁ ଶହ ଶହ ସଂଖ୍ୟାରେ ଲୋକ ସଡ଼କ ଦୁର୍ଘଟଣାରେ ଆମଦେଶରେ ପ୍ରାଣ ହରାଉଛନ୍ତି । ଆଜିର ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ ଅଧକ୍ଷତା କରିଥିବା ବେଳେ ରେଡ଼କ୍ରସ କାଉନସିଲର ଅଧ୍ୟାପକ ବିଜୟ କୁମାର ନାୟକ, ଜାତୀୟ ସମର ଶିକ୍ଷାର୍ଥି ବାହାନୀର ପ୍ରୋଗ୍ରାମ ଅଫିସର ଲାଫ୍ଟନେଂଟ ଅରୁଣ କୁମାର ଜେନା, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ସସ୍ମିତା ଲାୟା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଆଗାମୀ ଏପ୍ରିଲ ୧୪ରୁ ବାରିପଦାରେ ଗଣପର୍ବ ବଲାଙ୍ଗୀ ମହୋତ୍ସବ



ବାରିପଦା , ୧୯/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଲଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଲାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୩ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ- ୨୦୨୫ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ପାଇଁ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଲାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ମହୁଲିଆ ପ୍ରେମ ବାଟିକା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଲାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ବିୟୋଗ ଘଟିଥିବାରୁ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା। ମହୋତ୍ସବ ର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ପୂର୍ବତନ ବିଧାୟକ ରାଜକିଶୋର ଦାସ, ମେଳା କମିଟିର ଅଧକ୍ଷ ଓକିଲ ଅରବିନ୍ଦ ଦାସ, ଉପାଧକ୍ଷ ରାଜୀବ ଲୋଚନ ସେନାପତି, ଉପସଭାପତି ରଜତ କୁମାର ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧକ୍ଷ ଓକିଲ ଲିଙ୍ଗରାଜ ମିଶ୍ର, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ରାକେଶ ସିଂ, ଯୋଗେଶ ଅଗ୍ରୱାଲା, ପ୍ରାଧ୍ୟାପକ ସୁନୀଲ ଜେନା, ବଲାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ନିରୋଜ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବଲାଙ୍ଗୀ ମହୋତ୍ସବ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବେତନଟି ପଦ୍ମମାଳି ମହିଳା ସଂଗଠନର ପ୍ରଭାତି ମହାନ୍ତି, ଝାରପୋଖରୀଆର କ୍ଷୀରୋଦ ଚନ୍ଦ୍ର ଦାସ, କପ୍ତିପଦାର ଇନ୍ଦୁମତି ମହାନ୍ତି, ଦେଉଳିର ଗୋପାଳ ଚନ୍ଦ୍ର ଦାସ, ଚିତ୍ରଡାର ଅଜୟ କୁମାର ପାଳ, ପାଟୁଳିପୁରାର ରମାକାନ୍ତ ମହାନ୍ତ, ଗଣ ମାଧ୍ୟମ ପ୍ରତିନିଧି, ଦୋଳ ଗୋବିନ୍ଦ ବାରିକ, ରଞ୍ଜନ କୁମାର ଦାଶ, ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିବା ବେଳେ କୃତି ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ. ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟ ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିବା ବେଳେ, ସଦସ୍ୟ ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ରମାକାନ୍ତ ରାଉତ, ଦିଲ୍ଲିପ କୁମାର ପାତ୍ର, ମିଥୁନ ବାରିକ, ସନାତନ ସିଂ, କୁନୁ ସିଂ, ଅଭିନବ ନନ୍ଦ, ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

# ନୟାଗଡରେ ଲିଥିୟମର ଥିବାର ମିଳିଲା ସଙ୍କେତ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ନୟାଗଡ଼ ଜିଲ୍ଲାର ମୂଲ୍ୟବାନ ଲିଥିୟମର ସଙ୍କେତ ପାଇଛି । ଆଜି ଭୁବନେଶ୍ୱରରେ ଆୟୋଜିତ ଜିଏସଆଇର ସେଂଟ୍ରାଲ ବୋର୍ଡ ବୈଠକରେ ଏ ନେଇ ସୂଚନା ମିଳିଛି। ଭୁବନେଶ୍ୱରରେ ଅନୁଷ୍ଠିତ ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ସେଂଟ୍ରାଲ ବୋର୍ଡ ବୈଠକ ପରେ ଜିଏସଆଇ ଉପମହାନିର୍ଦ୍ଦେଶକ ପଙ୍କଜ କୁମାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପୂର୍ବଘାଟ ମୋବାଇଲ୍ ବେଲ୍ଟର ନୟାଗଡ଼ ଜିଲ୍ଲା ସମେତ ଅନ୍ୟ କିଛି ଜିଲ୍ଲାରେ ଲିଥିୟମ ଥିବା ନେଇ ସଙ୍କେତ ମିଳିଛି। ତେବେ ଏନେଇ ସର୍ବେକ୍ଷଣ ପ୍ରାଥମିକ ସ୍ତରରେ ରହିଛି। ଅଧିକ ଅନୁସନ୍ଧାନ ପରେ ଏ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି ।


# ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ



ରାଧାଶ୍ୟାମ ପଣ୍ଡା

ଅବସରପ୍ରାପ୍ତ ସୁନାମଧନ୍ୟ ପ୍ରଧାନଶିକ୍ଷକ,
ସାରସ୍ୱତ ସାଧକ, ଅନୁଷ୍ଠାନପ୍ରେମୀ ଓ ସମାଜସେବୀ
ଆବିର୍ଭାବ : ୨୬-୦୨-୧୯୪୮
ତିରୋଧାନ : ୨୦-୦୧-୨୦୨୩
ହରିହରପୁର ଶାସନ, ଫତେପୁର, ଖଇରା, ବାଲେଶ୍ୱର

ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲାଣି । ଆପଣ ଆମମାନଙ୍କଠାରୁ ବିଦାୟ ନେଇ ଯେଉଁ ଅଜଣା ରାଇଜକୁ ଚାଲିଗଲେ ଯେ ଆଉ ଫେରିଲେ ନାହିଁ । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ ଶ୍ରଦ୍ଧା କର୍ତ୍ତବ୍ୟ ନିଷ୍ଠା, ଆଦର୍ଶ ବ୍ୟକ୍ତିତ୍ୱ ଓ ନିଃସ୍ୱାର୍ଥପରତା ଆମମାନଙ୍କର ସର୍ବଦା ପ୍ରେରଣାର ଉତ୍ସ ହେଉ। ଆପଣ ତ ପୁସ୍ତକପ୍ରିୟ, ସେଥିପାଇଁ ଆମେ ଆପଣଙ୍କର ଏକାଦଶାହ ଓ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ୨ ଖଣ୍ଡ ସ୍ମରଣିକା “କର୍ମଯୋଗୀ ରାଧାଶ୍ୟାମ” ଓ “ମୃତ୍ୟୁଞ୍ଜୟୀ ରାଧାଶ୍ୟାମ” ଲୋକାର୍ପଣ କରିଛୁ । ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ “କବି ରାଧାଶ୍ୟାମ ଗ୍ରନ୍ଥାବଳୀ” ଲୋକାର୍ପଣ କରିବାକୁ ଯାଉଅଛୁ, ସାଦରେ ଗ୍ରହଣ କରି ଆମର ତ୍ରୁଟି କ୍ଷମା କରିବେ। ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହିବା ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କୁ ବିନମ୍ର ପାର୍ଥନା କରୁଅଛୁ ।

ଶ୍ରଦ୍ଧାଞ୍ଜଳି ସହ : ପତ୍ନୀ ସରସ୍ୱତୀ ପଣ୍ଡା, ପଣ୍ଡା ପରିବାର, ଲୋକନାଥ ପାଠାଗାର ସଦସ୍ୟ, କବି ରାଧାଶ୍ୟାମ ସ୍ମୃତି କମିଟି, ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସ୍ୱଜନ ।


# ଖାଦ୍ୟ ସୁରକ୍ଷାରୁ ବଂଚିତ ‘ସଂଜନା’ ଓ ‘ଜ୍ୟୋର୍ତିମୟୀ’

ଉଦଳା , ୧୯/୧ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ବହୁବନ୍ଧ ପଂଚାୟତର ବହୁବନ୍ଧ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମାଧବ ବିଶ୍ୱାଳଙ୍କ ୧୪ ବର୍ଷ ବୟସର କନ୍ୟା ‘ସଂଜନା’ ଓ ଯଦୁନାଥ ପାତ୍ରଙ୍କର ୮ ବର୍ଷ ବୟସର କନ୍ୟା ‘ଜ୍ୟୋର୍ତିମୟି’ ପରିବାରକୁ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଉକ୍ତ ଦୁଇ କନ୍ୟାଙ୍କର ଆଧାର କାର୍ଡ଼ ଅଛି । ତେବେ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ସେମାନଙ୍କର ନାମ ଯୋଡ଼ାଯାଇପାରୁ ନାହିଁ । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଖଇରାରେ ବୈଦିକ ଶୋଭାଯାତ୍ରା ଓ ବ୍ରାହ୍ମଣ ମହାସଭା



ଖଇରା, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ୧୫ତମ ବାର୍ଷିକୋତ୍ସବ ପାଳନ ଅବସରରେ ବୈଦିକ ଶୋଭାଯାତ୍ରା ଓ ବ୍ରାହ୍ମଣ ମହାସଭା ବଣପାରିଆ ଶାସନରେ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ରବିବାର ସକାଳେ ଧ୍ୱଜା ଉତ୍ତୋଳନ ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବ୍ରାହ୍ମଣ ମାନଙ୍କର ଏକ ବୈଦିକ ସଂସ୍କୃତି ଚେତନା ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା । ସଭାପତି ଜଳଧର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବ୍ରାହ୍ମଣ ମହାସଭାରେ ଜିଲା ସଂଘର ସଭାପତି ଶ୍ରୀଶ ଦାଶ ମୁଖ୍ୟଅତିଥି,ରାଜ୍ୟ ସଂଘର ସଭାପତି ସଦାନନ୍ଦ ଦିକ୍ଷିତ,ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ଔପଦା ସଂଘର ସଭାପତି ହରିହର ଦାଶ ଓ ନିଳଗିରି ସଂଘର ଉପଦେଷ୍ଟା ଦୟାନିଧି ମହାପାତ୍ର ପ୍ରମୁଖ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ବ୍ରାହ୍ମଣ ମାନଙ୍କ ଉତଥାନ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ଜୋନର ମୁଖ୍ୟ କୃଷ୍ଣଚନ୍ଦ୍ର ଦାଶ,ରାମଚନ୍ଦ୍ର ପଣ୍ଡା,ଧନେଶ୍ୱର ପଣ୍ଡା, ମୁକ୍ତିକାନ୍ତ ଶତପଥି, ବାସୁଦେବ ସାହୁ, ରାମଚନ୍ଦ୍ର ଦାଶ ପ୍ରମୁଖ ନିଜ ଜୋନର ସମସ୍ୟା ଉପରେ ଆଲୋକପାତ କରିଥିଲେ । ପଣ୍ଡିତ ଗୌରଚନ୍ଦ୍ର ପାଠୀଙ୍କୁ ବରିଷ୍ଠ ଆଚାର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସଭ୍ୟ ସଙ୍କୀର୍ତ୍ତନ ପଣ୍ଡା ସହଯୋଗ କରିଥିଲେ ।

# ନାଖରା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବଡ଼ସାହି , ୧୯/୧ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟୋଳିପୁରା ଗ୍ରା.ପ. ନାଖରା ‘ମା କେନ୍ଦୁବାସୁଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନାଖରା‘ ଦ୍ୱାରା ପରିଚାଳିତ ହୋଇଥିଲା । କମିଟିର ସମ୍ପାଦକ ପ୍ରଭାସ ଜେନା ହୋଇଥିଲେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ମମତା ନାୟକ ସରପଞ୍ଚ ପାଟୋଳିପୁରା ଗ୍ରା.ପ., ଗଙ୍ଗାଧର ଦାସ, ସଭାପତି କ୍ରିକେଟ ଟିମ୍, ପ୍ରଦୀପ କୁମାର ଜେନା ଉପସ୍ଥିତ ରହି ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ଏଥିରେ ୮ ଟି କ୍ରିକେଟ ଦଳ ସାମିଲ ହୋଇ କ୍ରିକେଟ ଖେଳ ଶାନ୍ତିପୂର୍ଣ୍ଣ ଓ ଭାଇଚାରା ବନ୍ଧୁ ଭାବରେ ସମାପ୍ତ ହେଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭବେ - ସନାତନ ବିଜୁଳି ବଡ଼ସାହି ବିଧାୟକ, ସମ୍ମାନନୀୟ ଅତିଥି ଭାବରେ - ରାଜୀବ ନନ୍ଦୀ ସମାଜ ସେବୀ ଯୋଗଦେଇ ୱିନରସ ଭାବରେ ’ଆ.ଜି.ଏସ. ୧୧’ ଦଳକୁ ୯ ହଜାର ଟଙ୍କା ଓ ରନର୍ସ ଅଫ ଭାବେ ପାଟୋଳିପୁରା କୁ ସାତ ହଜାର ପାଞ୍ଚ ଶତ ଟଙ୍କା ନଗଦ ଆକାରରେ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତପନ ବେହେରା, କୃଷ୍ଣଚନ୍ଦ୍ର ଦାସ, ସତ୍ୟଜିତ ମହାଳିକ, ଛତିଶ ମଣ୍ଡଳ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ଲିୟନ୍ କୁମାର ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida